# ପାହାନ୍ତିଆରେ ଉଠିବ ମହାଜାଗର ଦୀପ





କର୍ତ୍ତାକର୍ତ୍ତ୍ରୀ ସଚ୍ଚିଦାନନ୍ଦ ମିଶ୍ର ଓ ଅଂଶୁମାଳା ମିଶ୍ର।

## ଶିବରାତ୍ରି ପୂଜାପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ

ବିଶ୍ୱେଶ୍ୱରଙ୍କ ମହାଶିବରାତ୍ରି ଓ ଜାଗର ମହୋତ୍ସବ ପାଳନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂଜାନୀତି କାର୍ଯ୍ୟ ନିର୍ଘଣ୍ଟ ସ୍ଥିରୀକୃତ କରାଯାଇଛି। ମହାଶିବରାତ୍ରି ଦିନ ପାହାନ୍ତିଆ ୩ଟାରେ ସମସ୍ତ ନୀତିକାନ୍ତି କାର୍ଯ୍ୟ ସମ୍ପନ୍ନ ପରେ ଭକ୍ତଙ୍କୁ ବାବା ବିଶ୍ୱେଶ୍ୱର ଦର୍ଶନ ଦେବେ। ପୂର୍ବାହ୍ନ ୧୦ଟାରେ ପୀଠରୁ ବାବା ଚନ୍ଦ୍ରଶେଖର ଓ ମାତା ପାର୍ବତୀ ହରଗୌରୀ ବେଶରେ ଗ୍ରାମ୍ୟ ପରିକ୍ରମା ପାଇଁ ବାହାରିବେ। ସନ୍ଧ୍ୟା ୬ଟାରେ ବାବା ଗ୍ରାମ୍ୟ ପରିକ୍ରମା ସାରି ପୀଠରେ ପହଞ୍ଚିବା ପରେ ବିଶ୍ୱେଶ୍ୱର ବାବାଙ୍କ ଜାଗର ପର୍ବ ପୂଜାବିଧି ଆରମ୍ଭ ହେବ। ପୂଜା ପୁରୋହିତ ପଣ୍ଡିତ ରାକେଶ ମିଶ୍ରଙ୍କ ଦ୍ୱାରା ସନ୍ଧ୍ୟାଧୂପ ଆଳତି ପରେ ୬ଟାରୁ ପରଦିନ ଗୁରୁବାର ପାହାନ୍ତିଆ ୨ଟା ମଧ୍ୟରେ ଠାକୁରଙ୍କ ୪ ପ୍ରହର ପୂଜା ଅନୁଷ୍ଠିତ ହେବ। ପ୍ରତି ପ୍ରହରରେ ୧୦୮ ଦୀପ ଆଳତି ଅର୍ପଣ କରାଯିବ। ଏହାପରେ ପାହାନ୍ତିଆ ୨ ଘଣ୍ଟା ୪୫ ମିନିଟରେ ମହା ଜାଗର ଦୀପ ଉତ୍ତାପନ ହେବ। ମନ୍ଦିରକୁ ମହାଦୀପ ଗଲା ପରେ ମାନସିକ କରି ଦୀପ ଜାଳିଥିବା ହଜାର ହଜାର ଭକ୍ତମାନେ ଦୀପ ଚଢ଼ାଇବେ। ମହା ଶିବରାତ୍ରି ଦିନ ପାହାନ୍ତିଆ ୩ ଟାରେ ମନ୍ଦିର ଦ୍ୱାର ଖୋଲାଯାଇ ପୂଜକ ପ୍ରଥମେ ବାବା ବିଶ୍ୱେଶ୍ୱରଙ୍କୁ ଗଙ୍ଗା ଜଳରେ ସ୍ନାନ କରାଇ ବିଧିମୁତାବକ ପୂଜାର୍ଚ୍ଚନା କରିବେ। ପରେ ଭକ୍ତଙ୍କ ଦର୍ଶନର ଲାଗି ଦ୍ୱାର ଖୋଲାଯିବ। ସନ୍ଧ୍ୟାରେ ନାଟରାଜ କଳା ପରିଷଦ ପକ୍ଷରୁ ନୃତ୍ୟଗୀତ ରଙ୍ଗାରଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ରାତ୍ରିରେ ସୁବର୍ଣ୍ଣପୁର ଜିଲ୍ଲା ଖଲିଆପାଲି ଗ୍ରାମର ଓ ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଲିଙ୍ଗମାର୍ଣ୍ଣି ଗ୍ରାମର ମାଁ ଚନ୍ଦଳିପାଟ ମହିଳା ସଂକୀର୍ତ୍ତନ୍ୟ ଦଳ ବୈଠକୀ ଭଜନ କୀର୍ତ୍ତନ ପରିବେଷଣ କରିବେ।

**ଉପସ୍ଥାପନା: ଯୁଧିଷ୍ଠିର ମହାପାତ୍ର, ସରଣ୍ଡା, ବରଗଡ଼**

## ସରକାରଙ୍କ ଦୃଷ୍ଟି ପଡ଼ିଲା



"ପ୍ରତ୍ୟହ ଏଠାକୁ ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଏହି ଶୈବପୀଠ ପର୍ଯ୍ୟଟନ ବିଭାଗର ଦୃଷ୍ଟି ପଡି ନ ଥିଲେ ବି ଏଥିପ୍ରତି ୨୦୨୪ରେ ତତ୍କାଳୀନ ରାଜ୍ୟ ସରକାରଙ୍କ ଦ୍ୱାରା ଆମ ଦାବିର କିଛିକାଂଶ ପୂରଣ ହୋଇଛି। ବିରାଟ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି। ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର କାର୍ଯ୍ୟ ବି ଶୀଘ୍ର ଶେଷ ହୋଇଯିବ। ତେଣୁ ବର୍ତ୍ତମାନର ରାଜ୍ୟ ସରକାର ଆମ ମନ୍ଦିରକୁ ରାଜ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଲେ ଲୋକେ ବିଶେଷ ଉପକୃତ ହେବେ।

**ସଚ୍ଚିଦାନନ୍ଦ ମିଶ୍ର, ସଭାପତି, ମନ୍ଦିର ପରିଚାଳନା କମିଟି, ସରଣ୍ଡା**

## ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି



"ବିଶ୍ୱେଶ୍ୱର ବାବାଙ୍କ ମନ୍ଦିରରେ ଉନ୍ନୟନ ପାଇଁ ବହୁ ଅନୁଦାନ ପୂର୍ବତନ ରାଜ୍ୟ ସରକାର ଯୋଗାଇଛନ୍ତି । ହେଲେ ବର୍ତ୍ତମାନ ସୁଦ୍ଧା ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ପାରି ନାହିଁ। ବର୍ତ୍ତମାନର ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବେ ବୋଲି ଦାବି ହେଉଛି।

**ପ୍ରମୋଦ ମହାପାତ୍ର, କୋଷାଧ୍ୟକ୍ଷ, ମନ୍ଦିର ପରିଚାଳନା କମିଟି, ସରଣ୍ଡା**

## ବାବାଙ୍କ ଆଶୀର୍ବାଦରୁ ସବୁ ସୁରୁଖୁରୁରେ ଚାଲିଛି

"ବାବା ବିଶ୍ୱେଶ୍ୱରଙ୍କ କୃପା ଅପାର। ୩ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବିଶ୍ୱେଶ୍ୱର ଆସ୍ଥା ଓ ବିଶ୍ୱାସର ଦେବତା ପାଲଟିଛନ୍ତି । ଏହି ପୀଠକୁ ଯିଏ ଆସିଛି, ସିଏ ଭଲ ଅନୁଭୂତି ନେଇ ଫେରିଛି। ବାବାଙ୍କ ଆଶୀର୍ବାଦରୁ ସବୁକିଛି ସୁରୁଖୁରୁରେ ଚାଲିଛି।

**ମନୋଜ ମହାପାତ୍ର, ସଂଯୋଜକ ପୂଜା କମିଟି, ସରଣ୍ଡା**



## ସମସ୍ତଙ୍କ ପାଇଁ ଭୋଗର ବ୍ୟବସ୍ଥା



"ଆମ ଏହି ମନ୍ଦିରଟି ଷୋଡ଼ଶ ଖ୍ରୀଷ୍ଟାବ୍ଦରୁ ତିଆରି ହୋଇଛି। ଶିବରାତ୍ରି ମେଳାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ଏଠାରେ ଶିବରାତ୍ରି ଦିନ ଭକ୍ତମାନଙ୍କୁ ସକାଳ ୫ଟାରୁ ଖିଚିଡି ଭୋଗ ଓ ମଧ୍ୟାହ୍ନରେ ଅନ୍ନ ଭୋଗ ଦେବାର ବ୍ୟବସ୍ଥା କରାଯାଇଛି।

**ବିନୋଦ ମେହେର, ସମ୍ପାଦକ, ମନ୍ଦିର ପରିଚାଳନା କମିଟି**

## ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଜନ ସହଯୋଗ ଲୋଡ଼ା



"ସରଣ୍ଡାର ବିଶ୍ୱେଶ୍ୱର ବାବା ଏବଂ ସୋର୍ଣ୍ଣାର ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରେ ମହାଶିବରାତ୍ରି ବେଳେ ବହୁ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହାକୁ ଆଖି ଆଗରେ ରଖି ଶାନ୍ତି ଶୃଙ୍ଖଳାରେ ଭକ୍ତଙ୍କ ଦର୍ଶନ ଓ ମେଳାର ସଫଳ ସମାପନ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ଭକ୍ତ ଏ ଦିଗରେ ସହଯୋଗ କରିବେ ବୋଲି ଆଶା କରୁଛି।

**ସୁକୁମାର ତ୍ରିପାଠୀ, ଆଇଆଇସି, ଅତାବିରା ଥାନା, ଅତାବିରା**







## ସଂକ୍ଷେପରେ

### ଜୁଆଆଡ୍ଡାରେ ଚଢ଼ାଉ, ୭ ଗିରଫ

**ନୂଆପଡ଼ା,୨୫।୨(ମକାରୁ ବେମାଲ):** ନୂଆପଡ଼ା ଜିଲା ଜୋଙ୍କ ଥାନା ଖରିଆର ରୋଡ଼ ରେଲୱେ ବ୍ରିଜ୍ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ସୋମବାର ପୋଲିସ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୭,୩୨୦ ଟଙ୍କା, ୫ଟି ମୋବାଇଲ ଓ ୫ଟି ବାଇକ୍ ଜବତ କରାଯାଇଛି। ଖରିଆର ରୋଡ଼ ରେଲୱେ ବ୍ରିଜ ନିକଟରେ ଜୁଆଖେଳ ଚାଲିଥିବା ପୋଲିସ ସୂଚନା ପାଇଥିଲା। ଜୋଙ୍କ ଥାନା ଏସ୍ଆଇ ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଏକ ଟିମ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଥିଲେ। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଦୀପ ଧରୁଆ କହିଛନ୍ତି ।

### ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଯାତ୍ରା

**ପଲମ,୨୫।୨(ଭିକାରି ଗଉଡ଼):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ଧବଳେଶ୍ୱର ଶୈବ ପିଠରେ ଅଷ୍ଟପ୍ରହରୀ ନାମ ଯଜ୍ଞ ପାଇଁ କଳସ ଯାତ୍ରା ପାଳିତ ହୋଇଯାଇଛି। ଏହି କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ତେଲ ନଦୀ ଓ ଉତେଇ ନଦୀ ସଙ୍ଗମ ସ୍ଥଳରୁ କଳସରେ ଜଳ ଭରି ପ୍ରହରୀ ମଣ୍ଡପର ସ୍ଥାପନ କରିଥିଲେ। ପୂଜକ ଭାବେ ରବି ନନ୍ଦ ରହି ବିଧି ବଧ ଭାବେ ପୂଜାର୍ଚ୍ଚନା କରିଥିଲେ। ବୁଧବାର ସକାଳ ୮ଟା ୩୦ ମିନିଟରେ ନାମ ଯଜ୍ଞ ଆରମ୍ଭ ହେବ।

### ପାତ୍ରବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଳମପୁର,୨୫।୨(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଳମପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ପାତ୍ରବସା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମନ୍ମଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ନାଏକ, ମୁଖ୍ୟ ବକ୍ତା ବେଲପଡା ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ମୁଣ୍ଡ, ସମ୍ମାନୀତ ଅତିଥି ଏବିଇଓ ସୁଶୀଲ କୁମାର ମୁଣ୍ଡ, ବିଦ୍ୟାଳୟ କମିଟି ସଭାପତି ଅଭିନାସ ପ୍ରଧାନି, ପଣ୍ଡିଗାଁ ସ୍କୁଲ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଏକ, ଇଚ୍ଛାପୁର ସ୍କୁଲ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ନବଘନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପଣ୍ଡିଗାଁ ଗ୍ରାମପଞ୍ଚାୟତ ସରପଞ୍ଚ କବିତା ଜୈନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ପ୍ରଦୀପ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ ଶିକ୍ଷକ ଦିଲୀପ କୁମାର ନାଏକଙ୍କୁ ଗୋଷ୍ଠୀ ଶିକ୍ଷା ଅଧୀକାରିଣୀ ନାଏକଙ୍କଙ୍କ ଦ୍ୱାରା ସମ୍ବର୍ଦ୍ଧନା କରାଯାଇ ଥିଲା ।

### ନୂଆପଡ଼ାରେ କୋଶଲୀ ଦିନ ପାଳିତ

**କୋଶଲୀ ବ୍ୟାକରଣ ଓ ବିଜୟା କୋଶଲୀ ପୁସ୍ତକ ଉନ୍ମୋଚନ**



**ନୂଆପଡା,୨୫।୨ (ମକାରୁ ବେମାଲ):** ସ୍ଥାନୀୟ ମୃତ୍ତିକା ସଂରକ୍ଷଣ ବିଭାଗ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲା କୋଶଲୀ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ କୋଶଲୀ ଦିନ ପାଳିତ ହୋଇଯାଇଛି। ଜିଲା କୋଶଲୀ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ସୁରଜିତ ସିଂ ମହାରଥାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କୋଶଲୀ ରତ୍ନ ପ୍ରୟାଗ ଦତ୍ତ ଯୋଷି ୧୯୧୩ ଫେବୃଆରୀ ୨୫ରେ ଜନ୍ମ ଗ୍ରହଣ କରିଥିଲେ। ସେ କୋଶଲୀ ଭାଷାର ସ୍ରଷ୍ଟା ବୋଲି ଏହି ଦିନକୁ କୋଶଲୀ ଦିନ ଭାବରେ ପାଳନ କରାଯାଏ। କୋଶଲୀ ଭାଷାର ଇତିହାସ ଓ ଦକ୍ଷିଣ କୋଶଳ ରାଜ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଅବସରରେ କୋଶଲୀ ଭାଷାର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରତିଯୋଗିତାମାନ ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କୋଶଲୀ ଦିନ ପାଳନ ଉପଲକ୍ଷେ ଦୁଇଟି ପୁସ୍ତକ କୋଶଲୀ ବ୍ୟାକରଣ ଓ ବିଜୟା କୋଶଲୀ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ଟଙ୍କିକିଆ ଚାଉଳ ପାଇଁ ଖର୍ଚ୍ଚାନ୍ତ

## ପିଡିଏସ୍ ସାମଗ୍ରୀ ପାଇଁ ହିତାଧିକାରୀ ହନ୍ତସନ୍ତ

**ଭବାନୀପାଟଣା,୨୫।୨(ଉତ୍ତମ କୁମାର ଦାଶ)**



ଜୁନାଗଡ ଆର୍‌ଏମ୍‌ସି ବଜାର ଭିତରେ ଗୋଟିଏ ସ୍ଥାନରେ ଚାଉଳ ବଣ୍ଟନ କରାଯାଉଛି।

କଳାହାଣ୍ଡି ଜିଲା ଜୁନାଗଡ ଏନଏସିରେ ପିଡିଏସ୍ ସାମଗ୍ରୀ ପାଇଁ ହିତାଧିକାରୀମାନେ ଏବେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଯାହାକୁନେଇ ସେମାନଙ୍କ ମଧ୍ୟରେ ତୀବ୍ର ଉଦବେଗ୍ ପ୍ରକାଶ ପାଇଛି। ଜୁନାଗଡ ଏନଏସିରେ ୧୨ଟି ୱାର୍ଡ ଥିବାବେଳେ ଏଥିରେ ୪୦୬୭ ଜଣ ରାଶନ କାର୍ଡ ହିତାଧିକାରୀ ଅଛନ୍ତି। ପୂର୍ବରୁ ଏନଏସିର ୩ଟି ସ୍ଥାନରେ ପିଡିଏସ୍ ବଣ୍ଟନ କରାଯାଉଥିଲା। ହେଲେ ଗତ ଅକ୍ଟୋବର ମାସଠାରୁ ଜୁନାଗଡ ଆରଏମସି ବଜାର ନିକଟରେ ଗୋଟିଏ ସ୍ଥାନରେ ୧୨ଟି ୱାର୍ଡବାସୀଙ୍କ ପାଇଁ ପିଡିଏସ୍ ବଣ୍ଟନ କରାଯାଉଛି। ଯହାଦ୍ୱାରା ଏନ୍ଏସିର ୧୨ଟି ୱାର୍ଡର ହିତାଧିକାରୀ ଏହି ସ୍ଥାନକୁ ପିଡିଏସ୍ ଆଣିବାକୁ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶେଷକରି ଶ୍ରମିକ ଶ୍ରେଣୀର ଲୋକେ କାମ ବନ୍ଦ କରି ଚାଉଳ ନେବା ପାଇଁ ଆସୁଥିବାବେଳେ କାର୍ଡ ସଂଖ୍ୟା ଅଧିକ ରହିଥିବାରୁ ଠିକ୍ ସମୟରେ ଚାଉଳ ନ ପାଇ ସେମାନେ ଫେରିଯାଉଥିବା ଦେଖିବାକୁ ମିଳିଛି। ସେହିପରି ସହରର ୩କି.ମି.ଦୂରରେ ଥିବା ପଲସାପଡା, ହଣ୍ଡାଖାଲପଡାବାସୀ ଓଟୋରିକ୍ସାରେ ଟଙ୍କିକିଆ ଚାଉଳ ନେବା ପାଇଁ ଖର୍ଚ୍ଚାନ୍ତ ହୋଇଥାନ୍ତି। ପ୍ରକାଶ ଯେ,ଜୁନାଗଡ ଏନଏସିରେ ରାଶନ କାର୍ଡ ହିତାଧିକାରୀଙ୍କ ସଂଖ୍ୟା ଅଧିକ ଥିବା ଓ ପିଡିଏସ୍ ବଣ୍ଟନ କେନ୍ଦ୍ର ଦୂରତା ଥିବାରୁ ଲୋକଙ୍କ ସୁବିଧା ପାଇଁ ଗତ ୨୦୨୩ ମସିହା ଆରମ୍ଭରେ ତତ୍କାଳୀନ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲଙ୍କ ସମୟରେ ଜୁନାଗଡର ଆଉ କିଛି ସ୍ଥାନରେ ପିଡିଏସ୍ ସାମଗ୍ରୀ ବଣ୍ଟନ କରିବା ନେଇ ରେଜୁଲେସନ ମାଧ୍ୟମରେ ଧର୍ମଗଡ ଉପଜିଲାପାଳଙ୍କୁ ଜଣାଯାଇଥିଲା। ଯାହାଫଳରେ ଉକ୍ତ ବର୍ଷ ମଧ୍ୟ ଭାଗରେ ଜୁନାଗଡର ୩ଟି ସ୍ଥାନରେ ପିଡିଏସ୍ ବଣ୍ଟନ କେନ୍ଦ୍ର କରାଯାଇଥିଲା। ଏହାଯୋଗୁ ସ୍ଥାନୀୟ ହିତାଧିକାରୀମାନେ ଠିକ୍ ସମୟରେ ଓ ସୁବିଧାରେ ପିଡିଏସ୍ ସାମଗ୍ରୀ ପାଇଁ ଖୁସି ଅନୁଭବ କରୁଥିଲେ। ହେଲେ ପରବର୍ତ୍ତୀ ସମୟରେ ପୂର୍ବତନ ଅଧ୍ୟକ୍ଷ ଅଗ୍ରୱାଲଙ୍କ ଅନାସ୍ଥା ପ୍ରସ୍ତାବ ପରେ ଜୁନାଗଡ ଏନଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ ଭାରପ୍ରାପ୍ତ ଏନଏସି ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଇଥିଲେ। ଗତ ଅକ୍ଟୋବରଠାରୁ ଏନଏସିର ୩ଟି ସ୍ଥାନରେ ପିଡିଏସ୍ ସାମଗ୍ରୀ ବଣ୍ଟନ କେନ୍ଦ୍ରକୁ ବନ୍ଦ କରାଯାଇ ଏବେ ଗୋଟିଏ ସ୍ଥାନରେ ଆରଏମସି ବଜାର ଭିତରେ ପିଡିଏସ୍ ସାମଗ୍ରୀ ଦିଆଯାଉଛି। ଏନେଇ ପିଡିଏସ୍ ସାମଗ୍ରୀ ବଣ୍ଟନ କରୁଥିବା ରିଟେଲର ବ୍ରଜେନ୍ଦ୍ର ମେହେରଙ୍କୁ ପଚାରିବାରୁ, ରେନୁଆଲ କରି ନ ପାରିବାରୁ ଏପରି ଅସୁବିଧା ହେଛି। ଏହାସହ ଗୋଟିଏ ସ୍ଥାନରେ ଚାଉଳ ବଣ୍ଟନ ଯୋଗୁ ଲୋକମାନେ ମଧ୍ୟ ହଇରାଣ ହେଉଥିବା କଥାକୁ ସ୍ୱିକାର କରିଥିଲେ। ଜୁନାଗଡ ବ୍ଲକ ଯୋଗାଣ ନିରୀକ୍ଷକ ଅଲେଖ ମହିମା ଭୋଇଙ୍କୁ ପଚାରିବାରୁ, କ'ଣ ହେଉଛି ବୁଝିକି କହିବି ବୋଲି ସଫେଇ ଦେଇଥିଲେ। ଅନ୍ୟପକ୍ଷରେ,ଜୁନାଗଡ ଭାରପ୍ରାପ୍ତ ଏନଏସି ଅଧ୍ୟକ୍ଷା ହିମାଦ୍ରୀ ନାଏକଙ୍କୁ ପଚାରିବାରୁ , ୩ଟି ସ୍ଥାନରେ ବନ୍ଦ ହୋଇଥିବା କଥା ମୁଁ ଜାଣି ନାହିଁ। ରିଟେଲର ସହ କଥା ହୋଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ମହୁମାଛି ଆକ୍ରମଣରେ ୧୩ ଆକ୍ରାନ୍ତ

**କଳମପୁର,୨୫।୨(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ବନ୍ଧକନା ସାପ୍ତାହିକ ବଜାରରେ ମଙ୍ଗଳବାର ମହୁମାଛି ଆକ୍ରମଣରେ ୧୩ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣଙ୍କୁ ବନ୍ଧକନା ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ କେତେଜଣଙ୍କୁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆକ୍ରମଣର ଶିକାର ହାରାମାଳର ସୁବାସ ଚନ୍ଦ୍ର ପଣ୍ଡା, ଥୁଆମୂଳ ରାମପୁର ବ୍ଲକ୍ ତୁମନିଖୋଲର ଆୟୁ ମାଝି, କଳମପୁରର ବାଲେଶର ସୁନାନୀଙ୍କୁ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟ ଆକ୍ରାନ୍ତ ବନ୍ଧକନାର ବିଚାରପତି ଚଲାନ, ତେନ୍ତୁଳିଖୁଣ୍ଟିର ଜୟଶଙ୍କର ଛତ୍ରିଆ, ଚୁରାଗାଁର ପ୍ରହରାଜ ରାଉତ, ଟେମରାର ମୋହନ ରାଉତ, ଆମଯୋରର ଟିକେଶର ରାଉତ, ପରୁଆଗୁଡ଼ାର ଦୁତିବାହନ ପଟେଲ, ବ୍ରାହ୍ମଣ କେନ୍ଦୁଗୁଡ଼ାର ହୃଦାନନ୍ଦ ଶବର, ଝାରକୁଣ୍ଡାମାଳର କାହ୍ନୁ ଶବର, ବନ୍ଧକନାର ହିମାଂଶୁ ରାଉତ, ଟେମେରାର ସଦାଶିବ ନାଏକ, ହାରାମାଳର ପ୍ରକାଶ ନିଆଲ, ଅଭିଷେକ ମେହେରଙ୍କୁ ବନ୍ଧକନା ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବନ୍ଧକନାରେ ମଙ୍ଗଳବାର ସକାଳୁ ସାପ୍ତାହିକ ବଜାର ବସିଥିଲା। ଏହି ସମୟରେ ଏକ ଗଛରୁ ମହୁମାଛି ଦଳ ଆସି ଅତର୍କିତଭାବେ ପାଖରେ ଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ବଜାରରେ ଲୋକେ ଭୟରେ ଧାଁଦୌଡ଼ କରିଥିବା ଦେଖାଯାଇଥିଲା।

# ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଭିଫେଷ୍ଟ ଉଦ୍‌ଯାପିତ



ଛାତ୍ରୀଛାତ୍ରମାନେ ଫୁଡ୍ ଷ୍ଟଲରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଛନ୍ତି ।

**ଭବାନୀପାଟଣା,୨୫।୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୩ ଦିନ ଧରି ଚାଲିଥିବା ଭିଫେଷ୍ଟ" ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ତଥା ତୃତୀୟ ଦିନରେ ଫୁଡ ଫେଷ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ଫୁଡ ଷ୍ଟଲରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଥିଲେ। ପରେ ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶର ରାଓ,ସମ୍ମାନିତ ଅତିଥିଭାବେ ଭବାନୀପାଟଣା ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟର ଅଧ୍ୟାପିକା ଡ. ଏସ ପ୍ରିୟା, ବିକାଶ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା କମିଟି ସଦସ୍ୟା ଡି. ପଦ୍ମିନୀ, ଆଇଟି ଓ ମ୍ୟାନେଜମେଣ୍ଟ ବିଭାଗର ଅଧ୍ୟକ୍ଷ ଡ. ସୁଦୀପ୍ତ କୁମାର ଜେନା, ଡ. ଆଦିତ୍ୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।




ପୁରସ୍କୃତ ହୋଇଥିବା ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

**ଭବାନୀପାଟଣା,୨୫।୨(ଉତ୍ତମ କୁମାର ଦାଶ)**

## ଓଡ଼ିଶା ଆନ୍ତଃ ବିଶବିଦ୍ୟାଳୟ ପ୍ରତିଯୋଗିତା

ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀତା ଗତ ୫ ଦିନ ଧରି ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବିଶ୍ୱ ବିଦ୍ୟାଳୟର ଆୟୁଷ ଝା ଇନ୍ସ୍ଟ୍ରୁମେଣ୍ଟାଲ ସୋଲୋରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଅଶ୍ୱିନ କୁମାର ଆଚାର୍ଯ୍ୟ ପେଣ୍ଟିଂରେ ତୃତୀୟ, କନକ ରାମ ମାଝୀ ଓ ଭାଗିରଥୀ ରଣା କୁଇଜରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଶ୍ୱ ବିଦ୍ୟାଳୟର ୧୦ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଲୋକ ନୃତ୍ୟରେ ମଧ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସୋମବାର ସନ୍ଧ୍ୟାରେ ଉଦଯାପନୀ ସମାରୋହରେ ସେମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସଫଳତା ପାଇଁ ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାଷାବିତ୍ ପଣ୍ଡିତ ପ୍ରୟାଗଦତ୍ତ ଜୋଷୀଙ୍କ ଜୟନ୍ତୀ

**ଖଡ଼ିଆଳ,୨୫।୨(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡ୍ରାମୁଣ୍ଡାଠାରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଲୋକଦୃଷ୍ଟି କଲେଜ ଅଫ୍ ଆଡ୍‌ଭାନ୍ସଡ ଟେକ୍ନୋଲୋଜି ଖଡ଼ିଆଳଙ୍କ ମିଳିତ ଆନୁକୂଲ୍ୟରେ ଲୋକଦୃଷ୍ଟି କଲେଜ ସଭାଗୃହରେ ଭାଷାବିତ୍ କୋଶଲ ରତ୍ନ ପ୍ରୟାଗଦତ୍ତ ଯୋଷୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜସେବୀ ଅବନୀ ମୋହନ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ଡ. ଜିତାମିତ୍ର ପ୍ରସାଦ ସିଂହଦେବ, ସମ୍ମାନନୀୟ ଅତିଥି ଭାବରେ ଲବ୍ଧପ୍ରତିଷ୍ଠ କବି ଡା. ବାସୁଦେବ ସୁନାନୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ଡ. କ୍ଷେତ୍ରବାସୀ ମାନସେଠ, ମୁଖ୍ୟବକ୍ତା ଭାବରେ କୋଶଲୀ ଭାଷା ଓ ସଂସ୍କୃତି ଗବେଷକ ଡ. ଦୋଳଗୋବିନ୍ଦ ବିଶି, ସମ୍ମାନନୀୟ ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ଡ. ସୁଶାନ୍ତ କୁମାର ବିଶି ଯୋଗ ଦେଇଥିଲେ। ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରୟାଗଦତ୍ତ ଯୋଷୀଙ୍କ ସୁପୁତ୍ରୀ ପ୍ରଭାସିନୀ ଯୋଷୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କଲେଜର ଅଧ୍ୟକ୍ଷ ତାପସ ରଞ୍ଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ଶ୍ୱେତା ମହାପାତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମାରୋହରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ, ଡ. ଅଞ୍ଜଳି ପାଢ଼ୀ, ଡକ୍ଟର ହରେନ୍ଦ୍ର କୁମାର ପଣ୍ଡା, ପଟ୍ଟାୟତ ନୀଳଲୋହିତ ସିଂହଦେବ, ସଙ୍ଗୀତ ସୌରଭ ନନ୍ଦଲାଲ ବାରିକ, ସିଦ୍ଧାର୍ଥ ଶଙ୍କର ଯୋଷୀ, ଶିରୀ ଶଙ୍କର ବାରିକ , ଶୈଳେନ୍ଦ୍ର ପାଣିଗ୍ରାହୀ, ଆଦିତ୍ୟ ନାରାୟଣ ପଣ୍ଡା, ମିୟୋଗ ରଞ୍ଜନ ପାତ୍ର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବିକଶିତ ଓଡ଼ିଶା, ବିକଶିତ ଗାଁ ଉନ୍ନୟନ ପ୍ରକଳ୍ପ ଉପରେ ଫୋକସ

**କୋକସରା,୨୫।୨(ଦୁଷ୍ମନ୍ତ କୁମାର ପାଟଯୋଷୀ)**

କୋକସରା ବ୍ଲକ ସଭାଗୃହରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ଏମପିଙ୍କ କୋକସରା ବ୍ଲକ ପ୍ରତିନିଧି ଗୋଦାବରୀଶ ପାତ୍ର, ସମ୍ମାନିତ ଅତିଥିଭାବେ ଧର୍ମଗଡ଼ ବିଧାୟକ ପ୍ରତିନିଧି ଦୁର୍ଗା ପ୍ରସାଦ ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, କୋକସରା ବିଡିଓ ଡ. ହିମାଞ୍ଚଳ ମାଝୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ତତ୍ୱଦର୍ଶୀ ଦାସ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମେତ ଶିକ୍ଷା, କୃଷି, ଉଦ୍ୟାନ କୃଷି, ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ, ସାମାଜିକ ସୁରକ୍ଷା, ଖାଦ୍ୟ ଓ ଯୋଗାଣ ବିଭାଗ, ମେଗାଲିଫ୍ଟ ଜଳସେଚନ, ବ୍ଲକର କନିଷ୍ଠ ଯନ୍ତ୍ରୀ ସମେତ କୋକସରା ବ୍ଲକର ୨୨ ପଞ୍ଚାୟତର ସରପଞ୍ଚ, ସମିତି ସଦସ୍ୟ ଉପସ୍ଥିତ ଥିଲେ। ବିକଶିତ ଓଡିଶା ବିକଶିତ ଗାଁରେ ଆସିଥିବା ଅନୁଦାନ ପଞ୍ଚାୟତ ସ୍ତରରେ କେମିତି ଉନ୍ନୟନ ପ୍ରକଳ୍ପରେ ସଠିକ ଭାବେ କାର୍ଯ୍ୟକାରୀ ହେବ ସେନେଇ ପଞ୍ଚାୟତ ପ୍ରତିନିଧିମାନେ ଲୋକଙ୍କୁ ସଚେତନ କରିବା ସହ ବ୍ଲକ ପ୍ରଶାସନ ସହ ଯେ କୌଣସି ଯୋଜନା ବିଷୟରେ ଆସି ପରାମର୍ଶ ନେଇ କାର୍ଯ୍ୟକାରୀ କରିବାକୁ ଉପସ୍ଥିତ ପ୍ରଶାସନିକ ଅଧିକାରୀ ସମେତ ଏମପି ଓ ବିଧାୟକ ପ୍ରତିନିଧିମାନେ ପରାମର୍ଶ ଦେଇଥିଲେ। ସରପଞ୍ଚମାନଙ୍କୁ ସମିତି ବୈଠକର ସୂଚନା ପୂର୍ବରୁ ଦିଆ ଯାଉନାହିଁ କିମ୍ବା ସମିତି ବୈଠକରେ ଆଲୋଚନା ହେବାକୁ ଥିବା ତଥ୍ୟ ଉପରେ କୌଣସି ସୂଚନା ଦିଆଯାଉନଥିବା ନେଇ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଥିଲେ। ଜିପିଡିଓ ରାଜେନ୍ଦ୍ର ପ୍ରସାଦ ପାତ୍ର ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ହବ କେନ୍ଦ୍ର ପରିଦର୍ଶନ

**ଖଡ଼ିଆଳ,୨୫।୨(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନ ହବ୍ କେନ୍ଦ୍ର ଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାର୍ଷିକ ପରୀକ୍ଷା ୨୦୨୫ ଆରମ୍ଭ ହୋଇଯାଇଛି। ଉକ୍ତ ଅନୁଷ୍ଠାନ ଅଧୀନରେ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଖଡ଼ିଆଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩ଟି ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପରିକ୍ଷିତ ଟାଇଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଇମ୍ପେରିଆଲ ପ୍ରେସିଡେନ୍ସି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) ପରୀକ୍ଷା ଦେଉଛନ୍ତି । ପରୀକ୍ଷା ବ୍ୟବସ୍ଥା ଠିକ ଭାବରେ ସମ୍ପାଦିତ ହେଉଛି କି ନାହିଁ ଦେଖିବା ପାଇଁ ନୂଆପଡା ଜିଲାପାଳ ମଧୁସୂଦନ ଦାସ ପ୍ରତ୍ୟକ୍ଷ ନିରୀକ୍ଷଣ କରିଥିଲେ। ଖଡ଼ିଆଳ ତହସିଲଦାର ନରସିଂହ ଗଡ଼ବା, ଜେଇ ମଧୁସ୍ମିତା ସିଂ ପ୍ରତ୍ୟେକ ପରୀକ୍ଷା ଦିନ ଉପସ୍ଥିତ ରହି ହବ୍ କେନ୍ଦ୍ରରୁ ପ୍ରଶ୍ନ ପ୍ୟାକେଟ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପ୍ରେରଣ କରିବାରେ ସହଯୋଗ କରୁଛନ୍ତି । ପରୀକ୍ଷାର ସମସ୍ତ ବ୍ୟବସ୍ଥା ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଏବଂ ଯୁକ୍ତ ଦୁଇ ଅଧ୍ୟକ୍ଷ ଡ. ରଣବୀର ସିଂ, ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପକ ଡ ବିଷ୍ଣୁଦେବ ସିଂ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗତ ୧୮ ତାରିଖରୁ ପରୀକ୍ଷା ସଫଳତାର ସହ ସମ୍ପାଦିତ ହେଉଛି ,ଏହା ମାର୍ଚ୍ଚ ୨୭ ତାରିଖଯାଏ ଚାଲିବ।

# ବିଜ୍ଞାନ,ଗଣିତ କ୍ଲବ୍ କାର୍ଯ୍ୟକ୍ରମ

**ଜୟପାଟଣା,୨୫।୨(ଓମ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ରେଙ୍ଗାଲପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଜ୍ଞାନ ଓ ଗଣିତ କ୍ଲବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିଦ୍ୟାଳୟ ସଭାପତି ଉମାଶଙ୍କର ଦୀପ, ରେଙ୍ଗାଲପାଲି ସିଆରସିସି ବେଦବର ନିଆଲ, ବିମଳା ପ୍ରଧାନ ଶିକ୍ଷକ ରମାକାନ୍ତ ମାଝୀ, ଗଣିତ ଶିକ୍ଷକ ସୁଜିତ କୁମାର ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ରଚିରା ନାୟକ ଓ ମୁଖ୍ୟବକ୍ତାଭାବେ ପୋଡ଼ାଖୋଲ ସିଆରସିସି ସନ୍ତୋଷ ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଗଣିତ ଖେଳ, ଏକକ ଅଭିନୟ, ଗଣିତ ପଜଲ,ଗଣିତ ସାଧାରଣ ଜ୍ଞାନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଜ୍ଞାନ ମଡେଲ, ବିଜ୍ଞାନ ସମ୍ପର୍କିତ ସତ୍ୟତା, ବିଜ୍ଞାନ ସମ୍ପର୍କିତ ସାଧାରଣ ଜ୍ଞାନ, ବିଜ୍ଞାନ ଭିତ୍ତିକ ଏକକ ଅଭିନୟ ପ୍ରଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରାଯାଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରଞ୍ଜନ କୁମାର ବରିହା ମଞ୍ଚ ପରିଚାଳନା କରିଥିବା ବେଳେ ସୁଜିତ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷକ କୋଟେଶ୍ୱର୍ ରାଓ, ଶଶିଭୂଷଣ ଦଳପତି, ଧରିତ୍ରୀ ଦାସ, ଦିବ୍ୟ ସେନି ଦୁର୍ଗା, ଉପମା ବାଗ, ଉଦ୍ଧବ ବାଗ ପ୍ରମୁଖ ସହଯୋଗ କରିଥିଲେ।



କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଗୋଟିଏ ଚହଲାକୁ ୨ ଥର ବିଲ୍ କରି ଅର୍ଥ ଆତ୍ମସାତ୍

**ନୂଆପଡ଼ା,୨୫।୨(ମକାରୁ ବେମାଲ)**



ଜଳ ବିଭାଜିକା ନୂଆପଡ଼ାରୁ ହୋଇଥିବା ଚହଲା ଓ ନାମ ଫଳକ।

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତରେ ସରକାରୀ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ସରପଞ୍ଚଙ୍କ ୨ ପୁଅ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିଲେ। ଏଥିପାଇଁ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବେଳେ ପୁଣି ଠିକପାଲି ପଞ୍ଚାୟତରେ ଗୋଟିଏ ଚହଲାକୁ ୨ଥର ବିଲ୍ କରି ଅର୍ଥ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, କୋମନା ବ୍ଲକ ଠିକପାଲି ପଞ୍ଚାୟତ ବାବୁପାଲି ଗାଁର ବାଳକୃଷ୍ଣ ମାଝି ୨୦୨୧-୨୨ରେ କାର୍ଯ୍ୟ ନିର୍ବାହୀ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ନୂଆପଡ଼ା ରୁ ୨ ଲକ୍ଷ ୮୭ ହଜାର ବ୍ୟୟ ଅଟକଳରେ ଏକ ଚହଲା ଖନନ କରିଛନ୍ତି । ତାହାର କୋଡ଼ ନଂ.୨୪୨୮୦୦୨/ ଆଇଏଫ/ ୧୧୧୨୮୭୩୪ ରହିଥିବା ବେଳେ ପାଉଣା ମଧ୍ୟ ୧ ଲକ୍ଷ ୮୨ ହଜାର ୬୮୮ ଟଙ୍କା ପାଇଛନ୍ତି । ୧ ଲକ୍ଷ ୪ ହଜାର ୩୧୨ ଟଙ୍କା ବକେୟା ରହିଛି। ହେଲେ ଠିକପାଲି ପଞ୍ଚାୟତର କର୍ମଚାରୀମାନେ ଚହଲା ଖନନ ନ କରି ସେହି ଚହଲାକୁ ୨୦୨୩-୨୪ରେ ଖନନ କରିଛୁ ବୋଲି ବାଳକୃଷ୍ଣଙ୍କ ମା' ଗୁନମତି ମାଝି ନାଁରେ ଦେଖାଇ ୧ ଲକ୍ଷ ୯୮ ହଜାର ୫୨୮ ଟଙ୍କା ଉଠାଣ କରି ଆତ୍ମସାତ୍ କରିଛନ୍ତି । ତାହାର କୋଡ ନଂ-୨୪୨୮୦୨୦୨୬/ ଆଇଏଫ/ ୧୧୦୬୩୮୧୯ ରହିଛି । ଗୋଟିଏ ଚହଲାକୁ ଦୁଇ ଥର ବିଲ୍ କରି ସରକାରୀ ଅର୍ଥ ଆତ୍ମସାତ କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହି ଚହଲା ପାଖରେ ଥିବା ନାମ ଫଳକରେ

## ଠିକପାଲି ପଞ୍ଚାୟତ

କାର୍ଯ୍ୟ ନିର୍ବାହୀ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ନୂଆପଡ଼ା ଆର୍ଥିକ ବର୍ଷ ୨୦୨୧-୨୨, ହିତାଧିକାରୀଙ୍କ ନାମ ବାଳକୃଷ୍ଣ ମାଝି ବୋଲି ଲେଖା ରହିଥିଲା । ଏହି ଖବର ପାଇ ପଞ୍ଚାୟତ କର୍ମଚାରୀମାନେ ନାମ ଫଳକରେ ଲେଖା ଥିବା ସମସ୍ତ ତଥ୍ୟକୁ ଲିଭାଇ ନୂତନ ଭାବରେ ଚୂନ ମାରି ଦେଇଛନ୍ତି। କିନ୍ତୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଖନନ ହୋଇଥିବା ଚହଲା ଓ ନାମ ଫଳକ କେଉଁଠି ଗଲା ବୋଲି ଚର୍ଚ୍ଚା ହେଉଛି। ନୂତନ ଭାବରେ ଚହଲା ଖନନ ହୋଇଛି ବୋଲି କହୁଛନ୍ତି। ହେଲେ ମାଟିକୁ ଦେଖିଲେ ପୁରୁଣା ବୋଲି ଜଣାପଡୁଛି। ଏହା ଉପରେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସାଧାରଣରେ ଦାବି ହେଉଛି । ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆଙ୍କୁ ପଚାରିବାରୁ ଆମ ପାଖକୁ ଅଭିଯୋଗ ଆସି ନାହିଁ । ଆପଣମାନଙ୍କଠାରୁ ଜାଣିବାକୁ ପାଇଲୁ। ଏହାର ତଦନ୍ତ କରାଯିବ। ସତ୍ୟାସତ୍ୟ ଜଣାପଡ଼ିଲା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୬.୭୨ କୁଇଣ୍ଟାଲ ଗଞ୍ଜେଇ ଜବତ, ୨୪ ଗିରଫ

**କନ୍ଧମାଳ,୨୫।୨(ଆଦିତେଶ୍ୱର ମିଶ୍ର):** ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ଜିଲା କନ୍ଧମାଳ ଥାନା ପୋଲିସ ୨୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୬କୁଇଣ୍ଟାଲ ୭୨କେଜି ଗଞ୍ଜେଇ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ କନ୍ଧମାଳ ଥାନାରେ ଏକ ମାମଲା (ନଂ.୪୬/୨୫) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କନ୍ଧମାଳ ପୋଲିସ ଓ ବିଏସ୍ଏଫ୍ କନ୍ଧମାଳ ଥାନା ବରଗାଁ ପଞ୍ଚାୟତର ମାତାକୁପା ଜଙ୍ଗଲରେ ଚଢାଉ କରିଥିଲେ। ଏହି ସମୟରେ ୨୪ଜଣ ଲୋକ ଗଞ୍ଜେଇ ବସ୍ତା ଧରି ରାସ୍ତାକଡ଼ରେ ଛିଡା ହୋଇଥିବାବେଳେ ପୋଲିସ ହାବୁଡରେ ପଡିଯାଇଥିଲେ। ପୋଲିସ ସେମାନଙ୍କ ନିକଟରୁ ୬.୭୨ କୁଇଣ୍ଟାଲ ଗଞ୍ଜେଇ, ୭ ମୋବାଇଲ ଏବଂ ୫ ଟର୍ଚ୍ଚ ଲାଇଟ୍ ଜବତ କରିବା ସହ ସମସ୍ତଙ୍କୁ ଗିରଫ କରିଛି । ଗିରଫଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଥାନାଧିକାରୀ ଭବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

### ଶିକ୍ଷୟିତ୍ରୀ ଅରୁଣାଙ୍କ ପରଲୋକ

**ପଦ୍ମପୁର,୨୫।୨(ପ୍ରଦୀପ୍ତ ଦାଶ):** ଆଦର୍ଶ ଶିକ୍ଷୟିତ୍ରୀ ଅରୁଣା ଯୁଆଡ଼ି(୭୯)ଙ୍କ



ମଙ୍ଗଳବାର ସକାଳ ୬.୨୦ରେ ପଦ୍ମପୁର ସାରଳା କୁମାରୀ ଉପଖଣ୍ଡ ଚିକିତ୍ସାଳୟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରଗଡ଼ ଓ ପଦ୍ମପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଥିଲେ। ପଦ୍ମପୁର ଲକ୍ଷ୍ମୀ ନାରାୟଣ ଶ୍ମସାନ ଘାଟରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା। ବଡ଼ପୁଅ ସଞ୍ଜୀବ କୁମାର ମାଝୀ ମୁଖାଗ୍ନି ଦେଇଥିଲେ। ସ୍ୱାମୀ ଆଇନଜୀବୀ ନନ୍ଦ କିଶୋର ମାଝୀ ତିନି ଝିଅ ସୁଜାତା, ସସ୍ମିତା, ସରିତା ସମେତ ଜ୍ୱାଇଁ ଓ ଦୁଇ ପୁଅ ସଂଜୀବ ଓ ସମୀର ଉପସ୍ଥିତ ଥିଲେ।

### ସଂଗୀତ ଗୁରୁ ଦାମୋଦର ପଣ୍ଡାଙ୍କ ବିୟୋଗ

**ପଦ୍ମପୁର,୨୫।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ରଜାପଡ଼ା ନୀବାସୀ ସଂଗୀତ ଗୁରୁ ଦାମୋଦର ପଣ୍ଡା(୬୮)ଙ୍କ ମଙ୍ଗଳବାର



ଅପରାହ୍ନରେ ନିଜ ସ୍ୱ ବାସଭବନରେ ପରଲୋକ ଘଟିଛି । ଜଳଛାୟା ବିଭାଗର ଅବସର ପ୍ରାପ୍ତ କର୍ମଚାରୀ ପଣ୍ଡା ଏକାଧାରରେ ଜଣେ ସଂଗିତ ଗୁରୁ, ଗୀତିକାର, କଣ୍ଠଶିଳ୍ପୀ ଥିଲେ। ସ୍ଥାନୀୟ ସ୍ୱର୍ଗ ଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ ହୋଇଥିଲା। ଜେଷ୍ଠ ପୁତ୍ର ବିକାଶ ମୁଖାଗ୍ନି ଦେଇଥିଲେ।

# ମୁଖ୍ୟ ଡାକ୍ତରଖାନା, ମିଳୁନି ସର୍ବନିମ୍ନ ସ୍ୱାସ୍ଥ୍ୟସେବା

**ବରଗଡ଼,୨୫।୨(ପ୍ରେମାନନ୍ଦ ଖମାରୀ)**

- ଉଦ୍‌ଘାଟନରେ ସୀମିତ ଜଟିଳ ରୋଗ ଚିକିତ୍ସା କେନ୍ଦ୍ର
- ରୋଗୀଙ୍କୁ କିଣିବାକୁ ପଡୁଛି ପରୀକ୍ଷା କିଟ୍ସ, ସାମଗ୍ରୀ
- ବିନା ଅସ୍ଥିଶଲ୍ୟ ବିଶେଷଜ୍ଞରେ ମୁଖ୍ୟ ଡାକ୍ତରଖାନା
- ଅଚଳ ପଡ଼ିଛି ଶବ ସଂରକ୍ଷଣ ଗୃହ ଫ୍ରିଜ୍
- କର୍ମଚାରୀ ନଥିଲେ ଅଲଟ୍ରା ସାଉଣ୍ଡ ପରୀକ୍ଷା ବନ୍ଦ

ବରଗଡ଼ ସହର ଉପକଣ୍ଠ ଖେଦାପାଲି(ଟୁକୁର୍ଲା)ରେ ଜିଲା ମୁଖ୍ୟ ଡାକ୍ତରଖାନା ରହିଛି। ସହର ମଧ୍ୟରୁ ଏହି ଡାକ୍ତରଖାନାକୁ ଉଠାଇ ସେଠାରେ ନୂତନ ଭାବେ ନିର୍ମାଣ କରାଯାଇଛି। ତେବେ ପୁରୁଣା ମୁଖ୍ୟ ଡାକ୍ତରଖାନା ଭଳି ନୂତନ ମୁଖ୍ୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ମିଳୁନଥିବା ଅଭିଯୋଗ ହୋଇଛି। ଡାକ୍ତରଙ୍କ ସମେତ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବ ତ ସାଧାରଣ କଥା। ଏଠାରେ ଅସ୍ଥିଶଲ୍ୟ ବିଭାଗର ଜଣେ ମଧ୍ୟ ଡାକ୍ତର ନାହାନ୍ତି। ସେହିପରି ଏଠାକୁ ଆସୁଥିବା ରୋଗୀଙ୍କୁ ସର୍ବନିମ୍ନ ସେବା ମଧ୍ୟ ମିଳିପାରୁ ନାହିଁ। ରକ୍ତ, ପରିସ୍ରା ଆଦି ପରୀକ୍ଷା ପାଇଁ ଉଦ୍ଦିଷ୍ଟ କେମିକାଲ୍ସ ଗଚ୍ଛିତ ରହୁ ନାହିଁ। ଫଳରେ ରୋଗୀଙ୍କ ବିଭିନ୍ନ ପରୀକ୍ଷା ହୋଇପାରୁ ନଥିବାରୁ ବାହାରକୁ ଯାଇ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। କେବଳ ସେତିକି ନୁହେଁ, ଅଲଟ୍ରାସାଉଣ୍ଡ, ଡାଇଲାସିସ୍, ଏକ୍ସରେ ଆଦି ପାଇଁ ରୋଗୀ ଅଟହଟା ହେଉଛନ୍ତି। ସେହିପରି ଉକ୍ତ ଡାକ୍ତରଖାନା ପରିସରରେ ୫୦ଶଯ୍ୟା ବିଶିଷ୍ଟ ଜଟିଳ ରୋଗ ଚିକିତ୍ସା କେନ୍ଦ୍ର ରହିଛି। ଗତ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ମୋଡ଼ରେ ଏହାକୁ ଉଦ୍‌ଘାଟନ କରିଥିଲେ। ହେଲେ ତାହା ମଧ୍ୟ କେବଳ ଉଦଘାଟନରେ ହିଁ ସୀମିତ ରହିଯାଇଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ବରଗଡ଼ ସହରରେ ବହୁ ପୂର୍ବରୁ ଜିଲା ମୁଖ୍ୟ ଡାକ୍ତରଖାନା ରହିଥିଲା। ଗତ କିଛି ବର୍ଷତଳେ ମୁଖ୍ୟ ଡାକ୍ତରଖାନାକୁ ସହରଠାରୁ ପ୍ରାୟ ୪କି.ମି ଦୂର ବରଗଡ଼-ଭଟଲି ରାସ୍ତାପାର୍ଶ୍ୱ ଖେଦାପାଲି(ଟୁକୁର୍ଲା)କୁ ଉଠାଇ ନିଆଯାଇଥିଲା। ସେଠାରେ ୭ମହଲା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଡାକ୍ତରଖାନା ନିର୍ମାଣ କରାଯାଇଥିଲା। ସେତେବେଳେ ପୁରୁଣା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ଯନ୍ତ୍ରପାତି ମଧ୍ୟ ସେଠାକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ତାକୁ ନେଇ ସହରରେ ସେତେବେଳେ ବିରୋଧ ତେଜି ଉଠିଥିଲା। ଏହାପରେ ପୁରୁଣା ମୁଖ୍ୟ ଡାକ୍ତରଖାନାକୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦିଆଯାଇଥିଲା ଏବଂ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ପୂର୍ବାପେକ୍ଷା ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହାପରେ ବରଗଡ଼ ସହରରେ ଶାନ୍ତି ଫେରିଥିଲା।



ବନ୍ଦ ରହିଥିବା ଜଟିଳ ରୋଗ ଚିକିତ୍ସା କେନ୍ଦ୍ର।

କିନ୍ତୁ ମୁଖ୍ୟ ଡାକ୍ତରଖାନା ଖେଦାପାଲି(ଟୁକୁର୍ଲା)କୁ ସ୍ଥାନାନ୍ତର ହେବା ପରେ ଉଭୟ ପୁରୁଣା ଏବଂ ନୂତନ ଡାକ୍ତରଖାନାରେ ନୂଆଁସମସ୍ୟା ବଢ଼ିଚାଲିଛି। ଉଭୟ ଡାକ୍ତରଖାନାରେ ଡାକ୍ତରଙ୍କ ଅଭାବ ରହୁଛି। ଫଳରେ ବିଭିନ୍ନ ସମୟରେ ପୁରୁଣା ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ନୂଆ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି। ସେହିପରି ନୂଆ ଜିଲା ମୁଖ୍ୟ ଡାକ୍ତରଖାନାକୁ ଗଲେ ଆବଶ୍ୟକ ବ୍ୟବସ୍ଥା ନଥିବା ଦର୍ଶାଇ ସେଠାରୁ ରୋଗୀଙ୍କୁ ପୁଣି ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଉଛି। ଏହାଦ୍ୱାରା ରୋଗୀ ହଟହଟା ହେବା ସହ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିସହ ଅନେକ ରୋଗୀଙ୍କୁ ଜୀବନ ହରାଇବାକୁ ମଧ୍ୟ ପଡୁଛି ବୋଲି ଅଭିଯୋଗ ହେଉଛି।

ନୂଆ ମୁଖ୍ୟ ଡାକ୍ତରଖାନା ନିର୍ମାଣ ହେବା ଦିନଠାରୁ ଏହି ସମସ୍ୟା ସମୂହ ଅସମାହିତ ହୋଇ ରହି ଯାଇଛି। ଡାକ୍ତରଖାନାର ବିଭିନ୍ନ ୱାର୍ଡ଼କୁ ସହଜ, ସୁବିଧାରେ ଯିବା ପାଇଁ ଲିଫ୍ଟ ବ୍ୟବସ୍ଥା ରହିଛି। କିନ୍ତୁ ଏଠାରେ ରହିଥିବା ୭ଟି ଲିଫ୍ଟରୁ ୬ଲିଫ୍ଟ ଦୀର୍ଘଦିନ ହେଲା ଅଚଳ ହୋଇ ପଡ଼ିଛି। ଡାକ୍ତରଖାନାରେ ଶବ ସଂରକ୍ଷଣ ଗୃହ ରହିଛି। କିନ୍ତୁ ସେଠାରେ ରହିଥିବା ଫ୍ରିଜର ଦୀର୍ଘଦିନରୁ ଅଚଳ ହୋଇପଡ଼ିଛି। ଫଳରେ ଶବ ସେଠାରେ ରହିଲେ ପଚିଯାଇ ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି। ଡାକ୍ତରଖାନାରେ ଅଲଟ୍ରା ସାଉଣ୍ଡ ପରୀକ୍ଷା ବ୍ୟବସ୍ଥା ରହିଛି ସତ, ହେଲେ ଅଲଟ୍ରା ସାଉଣ୍ଡ ମେଶିନ ଚଲାଇବା ପାଇଁ ଜଣେମାତ୍ର କର୍ମଚାରୀ ଅଛନ୍ତି। ସେ ଛୁଟିରେ ରହିଲେ, ଅଲଟ୍ରା ସାଉଣ୍ଡ ପରୀକ୍ଷା ମଧ୍ୟ ହୋଇପାରୁ ନାହିଁ। ମଙ୍ଗଳବାର ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଏକ ମାମଲାରେ ଉଦ୍ଧାର ହୋଇଥିବା ଜଣେ ଗର୍ଭବତୀଙ୍କ ଅଲଟ୍ରାସାଉଣ୍ଡ ପରୀକ୍ଷା ପାଇଁ ପଦ୍ମପୁର ପୋଲିସ ଜିଲା ମୁଖ୍ୟ ଡାକ୍ତରଖାନାକୁ ପହଞ୍ଚିଥିଲା। ମାତ୍ର ଅଲଟ୍ରାସାଉଣ୍ଡ ପରୀକ୍ଷା କେନ୍ଦ୍ର ବନ୍ଦ ଥିବାରୁ ତାଙ୍କୁ ଧରି ପୋଲିସକୁ ନିରାଶରେ ଫେରିଥିଲା।

ମୁଖ୍ୟ ଡାକ୍ତରଖାନାକୁ ୨୪ଘଣ୍ଟିଆ ବିଦ୍ୟୁତ ସେବା ଦିବାସ୍ୱପ୍ନ ପାଲଟି ଯାଇଛି। ଜେନେରେଟର ଅଚଳ ଯୋଗୁ ଏଠାରେ ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା ଚାଲିବାର ନଜୀର ରହିଛି। ସେହିପରି ଯେଉଁଦିନ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ ରହୁଛି, ସେହିଦିନ ଅଲଟ୍ରାସାଉଣ୍ଡ ଏବଂ ଏକ୍ସରେ ପରୀକ୍ଷା ମଧ୍ୟ ଠପ୍ ପଡ଼ି ଯାଉଛି। ନୂଆ ମୁଖ୍ୟ ଡାକ୍ତରଖାନା ପରିସରରେ ୧୦୦ଶଯ୍ୟା ବିଶିଷ୍ଟ କ୍ୟାନସର ହସ୍ପିଟାଲ ଏବଂ ୫୦ଶଯ୍ୟା ବିଶିଷ୍ଟ କ୍ରିଟିକାଲ କେୟାର ସେଣ୍ଟର(ଆଶୁ ଆରୋଗ୍ୟ କେନ୍ଦ୍ର) ରହିଛି। ସେଠାରେ ମଧ୍ୟ ଅନୁରୂପ ସ୍ଥିତି ରହିଛି। ନୂଆ ସରକାର ଆସିବା ପରେ ମଧ୍ୟ ଡାକ୍ତରଖାନା ସମସ୍ୟା ସୁଧୁରି ପାରୁନାହିଁ। ଏ ସମ୍ପର୍କରେ ସ୍ଥାନୀୟ ଜଣେ ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲଙ୍କୁ ପଚାରିବାରୁ ଏହି ଡାକ୍ତରଖାନାକୁ ବରଗଡ଼ ସମେତ ପଡ଼ୋଶୀ ବଲାଙ୍ଗିର, ସୋନପୁର ଜିଲା ଏବଂ ଛତିଶଗଡ଼ର ରୋଗୀମାନେ ମଧ୍ୟ ଆସିଥାନ୍ତି। କିନ୍ତୁ ଦୀର୍ଘଦିନ ଧରି ଡାକ୍ତରଖାନାର ସମସ୍ୟା ଗୁଡ଼ିକୁ ସମାଧାନ କରି ନ ପାରିବା ପରିତାପର ବିଷୟ। ପରୋକ୍ଷରେ ଘରୋଇ ଡାକ୍ତରଖାନା ଗୁଡ଼ିକ ଏହାର ଫାଇଦା ଉଠାଉଛନ୍ତି ଏବଂ ଗରୀବ ରୋଗୀ ଖର୍ଚ୍ଚାନ୍ତରେ ପଡୁଛନ୍ତି ବୋଲି ସେ କହିଥିଲେ। ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଡା. ନିରୁପମା ଷଡ଼ଙ୍ଗୀଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୯୯୮୨୨୪୯ରେ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନଥିଲେ।

### ମହାଶିବରାତ୍ରି ପାଇଁ କଳସ ଶୋଭାଯାତ୍ରା

**ବାଉଁଶୁଣୀ,୨୫।୨(ଦେବାଶିଷ ନେପାକ):** ବୌଦ୍ଧ ଜିଲା ଟାଟରକିଲା ଗ୍ରାମରେ ବୁଧବାର ଶ୍ରୀ ଶ୍ରୀ ରାମେଶ୍ୱର ବାବାଙ୍କ ମହାଶିବରାତ୍ରି ପୂଜା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ରାମେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଷ୍ଟ ପ୍ରହର ନାମଯଜ୍ଞ, ଦୀପଯଜ୍ଞ ହେବ। ଏଥିପାଇଁ ମଙ୍ଗଳବାର ଶ୍ରଦ୍ଧାଳୁ ମହିଳାମାନେ ମହାନଦୀରୁ ଜଳପୂର୍ଣ୍ଣ ୧୦୮ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟ ପୂଜକ ହାଡିବନ୍ଧୁ ଆଚାର୍ଯ୍ୟ ଓ ସୁମନ୍ତ ଷଡ଼ଙ୍ଗୀ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ କରିଥିଲେ। ରଞ୍ଜିତ ବାରିକ ଓ ପ୍ରମୋଦିନୀ ବାରିକ କର୍ତ୍ତା ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ। ରାମେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ରଘୁନାଥ ଆଚାର୍ଯ୍ୟ, ସମ୍ପାଦକ ସୁନୀଲ ବାରିକ, ଲୋଚନ ସାହୁ, ଦାମୋଦର ସାହୁ, ପୟଧର ମହାକୁଡ଼, ସୁଜିତ ମେହେର ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

**ସୋନପୁର,୨୫।୨(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସହର ଉପକଣ୍ଠ ପଟାଭାଡି ନଗର ରେଲୱେ ବ୍ରିଜ ନିକଟ ରାସ୍ତାପାର୍ଶ୍ୱରେ ଥିବା ଦୁଇଟି ଯାକ ଟ୍ରାନ୍ସଫରମର ମୁକୁଳା ପଡ଼ିଛି। ଟ୍ରାନ୍ସଫରମର ଚତୁଃପାର୍ଶ୍ୱ ମୁକୁଳା ଥିବାରୁ ଛୋଟ ଶିଶୁ, ଗୋରୁ ଓ ଅନ୍ୟ ଜୀବଜନ୍ତୁ ଅବାଧରେ ପଶି ଯାଉଛନ୍ତି। ଏଣୁ କେତେବେଳେ ଅଘଟଣ ଘଟିବ କିଛି କହିହେବ ନାହିଁ। ଚତୁଃପାର୍ଶ୍ୱ ଆବଦ୍ଧ କରିବା ପାଇଁ ସ୍ଥାନୀୟ ଲୋକେ ଅନେକଥର ବିଦ୍ୟୁତ୍ ବିଭାଗକୁ ଜଣାଇ ନିରାଶ ହୋଇଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ନଗରବାସୀ ଦାବି କରିଛନ୍ତି।


କର୍ମଶାଳାରେ ଉପସ୍ଥିତ ବିକାଶ କର୍ତ୍ତୃପକ୍ଷ, ଆଲୋଚକବୃନ୍ଦ।

## ବିକାଶରେ ଦିନିକିଆ କର୍ମଶାଳା

**ବରଗଡ଼,୨୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଦିନିକିଆ ଏକ୍ରେଡିଟେସନ୍ ଏଣ୍ଡ୍ ର୍ୟାଙ୍କିଙ୍ଗ୍ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଏନ୍ଆଇଟି, ରାଉରକେଲାର ୪ଜଣ ପ୍ରଫେସର ଯୋଗଦେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରିବା ସହିତ ଜାତୀୟ ମୂଲ୍ୟାୟନ ସଂସ୍ଥାମାନଙ୍କ ଦ୍ୱାରା ମାନ୍ୟତା ପାଇଁ ଆବଶ୍ୟକ ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳା ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଯୋଗଦାନ କରି ଅନୁଷ୍ଠାନର ବ୍ୟାପକ ଅଭିବୃଦ୍ଧି ଓ ଜାତୀୟସ୍ତରରେ ମାନ୍ୟତା ମିଳିବା ପାଇଁ କର୍ମଶାଳା ନିଶ୍ଚୟ ଉପାଦେୟ ହେବ ବୋଲି ଆଶାପୋଷଣ କରିଥିଲେ। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚିଫ୍ ଏଡ଼ମିନିଷ୍ଟ୍ରେଟିଭ ଅଫିସର ଇଂ ଅଜୟ କୁମାର ମହାପାତ୍ର କର୍ମଶାଳାର ଆବଶ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଏଆଇସିଟିଇ ମାର୍ଗଦର୍ଶନ ସ୍କିମ ଦ୍ୱାରା ଆୟୋଜିତ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରିଥିଲେ। କର୍ମଶାଳାରେ ହାୟର ଏଜୁକେଶନାଲ କ୍ୟାମ୍ପର ବରିଷ୍ଠ ଉପଦେଷ୍ଟା, ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଷ୍ଟୁଡେଣ୍ଟସ୍ ଏଫେୟାର୍ସର ଡିନ୍ ଏବଂ ଉପାଧ୍ୟକ୍ଷ ଉପସ୍ଥିତ ଥିଲେ। ୪ଟି ସେସନ୍‌ରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ପ୍ରଭାତ କୁମାର ରାୟ ପ୍ରଥମ ସେସନରେ ପ୍ରୋଜେକ୍ଟ ପ୍ରୋପୋଜାଲ ରାଇଟିଂ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ସେସନରେ ପ୍ରଫେସର ସୁରଜ କୁମାର ବେହେରା ଟେକ୍ନିକାଲ ପ୍ରେଜେଣ୍ଟେଶନ, ରିସର୍ଚ୍ଚ ଆର୍ଟିକିଲ୍ ପବ୍ଲିକେଶନ, ତୃତୀୟ ସେସନରେ ପ୍ରଫେସର ସୁପ୍ରତିମ ଗୁପ୍ତା ଏନବିଏ ଏକ୍ରେଡିଟେସନ୍ ଏବଂ ଚତୁର୍ଥ ସେସନରେ ପ୍ରଫେସର ମନୋଜ କୁମାର ମହାରଣା ଏନଆଇଆରଏଫ୍ ର୍ୟାଙ୍କିଙ୍ଗ୍ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଡଃ ଚିନ୍ମୟ ଦେହେରୀ, ଡଃ ଗିରିଶ ପ୍ରଧାନ, ଇଂ ବାଳଗୋପାଳ ଗୁରୁ, ଇଂ ମନୋରଞ୍ଜନ ଦାଶ କର୍ମଶାଳାର ବିଭିନ୍ନ ସେସନ୍‌କୁ ସଂଯୋଜନା କରିଥିଲେ। ଅଧ୍ୟାପିକା ଲଭ୍‌ଲି ରଥଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଡୋଲିକା ସା ଏବଂ ଏମ.ଆର୍ ଶୁଭଦା ସଭା ପରିଚାଳନା କରିଥିଲେ। ବିକାଶ ପୋଲିଟେକ୍ନିକ୍‌ର ଅଧ୍ୟକ୍ଷ ଡଃ ଦୀଲିପ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସଲି ବ୍ରାଣ୍ଡ, ନକଲି ସାମଗ୍ରୀ

**ବରଗଡ଼,୨୫।୨(ପ୍ରେମାନନ୍ଦ ଖମାରୀ)**

ଏକ ଅସଲି କମ୍ପାନୀର ବ୍ରାଣ୍ଡ ଛାପା ବ୍ୟବହାର କରି ନକଲୀ ଲୁହାଛଡ଼ ବିକ୍ରି କରୁଥିବା ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ସହରର ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ବ୍ୟବସାୟୀ ଜଣକ ସ୍ଥାନୀୟ ବାବା ଷ୍ଟିଲର ମାଲିକ ରାମ ଅବତାର ଅଗ୍ରୱାଲ ବୋଲି ଜଣାପଡ଼ିଛି। ତାଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗିରଫ ବ୍ୟବସାୟୀ, ଜିନ୍ଦଲ କମ୍ପାନୀର ବ୍ରାଣ୍ଡ ନାମରେ ନକଲୀ ଲୁହାରଡ଼ ବିକ୍ରି କରି ଆସୁଥିଲେ। ଖବର ପାଇ ଉକ୍ତ କମ୍ପାନୀର କର୍ମଚାରୀମାନେ ବରଗଡ଼ ଟାଉନ ଥାନାକୁ ଆସି ଏତଲା ଦେଇଥିଲେ। ଏତଲା ପାଇବା ପରେ ପୋଲିସ ତନାଘନା ଚଲାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ସମ୍ପୃକ୍ତ ଦୋକାନୀଙ୍କ ଦୋକାନ ଏବଂ ଗୋଦାମଙ୍କୁ ସିଲ୍ କରିବା ସହିତ ଦୋକାନ ମାଲିକଙ୍କୁ ଗିରଫ କରିଥିଲା।

## ମୃତକଙ୍କ ପରିବାରକୁ ଭେଟିଲେ ବିଧାୟିକା

**ପାଇକମାଳ,୨୫।୨(ବଢ଼ ଶତପଥି)**

### ଗଛରୁ ନାବାଳିକା ଛାତ୍ରୀଙ୍କ ମୃତଦେହ ଜବତ ଘଟଣା

**ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଥାନା ଘେରାଉ**

ପାଇକମାଳ ଥାନା କୋକନରା ଗ୍ରାମରେ ଗତ ରବିବାର ଜଣେ କଲେଜ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଥିଲା। ଏହି ଘଟଣାରେ ମଙ୍ଗଳବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୃତକଙ୍କ ପରିବାରକୁ ଭେଟି ଶାନ୍ତନା ଦେଇଛନ୍ତି। ଛାତ୍ରୀଜଣକ ଗତ ଶନିବାର ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପର ଦିନ ଶାଗୁଆନ ଗଛରେ ଛାତ୍ରୀଙ୍କ ମୃତଦେହ ଝୁଲୁଥିବା ନେଇ ପରିବାର ଲୋକେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମଙ୍ଗଳବାର ବିଧାୟିକାଙ୍କୁ ମୃତକଙ୍କ ପରିବାରକୁ ଭେଟି ସମବେଦନ ଜଣାଇଥିବା ବେଳେ ଝିଅକୁ ବଳାତ୍କାର ପରେ ଗଛରେ ଝୁଲାଯାଇଥିବା ନେଇ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୋଷିମାନଙ୍କୁ ପୋଲିସ ଶୀଘ୍ର ଗିରଫ କରୁ ବୋଲି ମୃତକଙ୍କ ପରିବାର ଲୋକେ ବିଧାୟିକାଙ୍କୁ ଗୁହାରି କରିଛନ୍ତି।

ପାଇକମାଳ ପୋଲିସ ସୋମବାର ଛାତ୍ରୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ନଂ. ୩/୨୫ ରେ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପାଇକମାଳ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି । ଅନ୍ୟପଟେ ଦୋଷୀମାନଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ନେଲେ ଥାନା ଘେରାଉ କରାଯିବ ବୋଲି ଗ୍ରାମବାସୀ ମଧ୍ୟ କହିଛନ୍ତି। ବିଧାୟିକା ଶ୍ରୀମତୀ ବରିହା ବରଗଡ ଏସ୍‌ପିଙ୍କୁ ଭେଟି ପୀଡିତା ପରିବାରକୁ ଘଟଣା ବିଷୟରେ ଅବଗତ କରାଇବେ ଓ ତାଙ୍କୁ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ସାନ୍ତ୍ୱନ ଦେଇଛନ୍ତି।

## ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ ଦାବିରେ ଗଣଧାରଣା

**ପାଇକମାଳ,୨୫।୨(ବଢ଼ ଶତପଥି)**

ପାଇକମାଳ ବ୍ଲକ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ କପିଳମୁନି ଆଶ୍ରମ ନୃସିଂହନାଥ ଓ ହରିଶଙ୍କର ଶାଖାର ମିଳିତ ଉଦ୍ୟମରେ ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ ଦାବିନେଇ ଧାରଣା ଜାରି ରହିଛି। ଏହି ଧାରଣା ମଙ୍ଗଳବାର ଏକାଦଶ ଦିବସରେ ପହଞ୍ଚିଛି । ସଭାରେ ଢୁଙ୍ଗୁରିପାଲି ଗାଁ ସହିତ ଅଞ୍ଚଳର ବିଭିନ୍ନ ଗ୍ରାମରୁ ମାଁ ଭଉଣୀ ଭଦ୍ରବ୍ୟକ୍ତିମାନେ ଯୋଗଦେଇଥିଲେ। ଗଣଧାରଣା ସଭାରେ ବୁଇ ସୁନା ସଭାପତିତ୍ୱ କରିଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଗନ୍ଧମାର୍ଦ୍ଦନ ପର୍ବତର ସ୍ଥାୟୀ ସୁରକ୍ଷା ଆଇନ ଦାବି ନେଇ ଗଣଧାରଣାକୁ ଖୋଲାଖୋଲି ସମର୍ଥନ ଦେଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାବନା ସିଂ, ଉପାଧ୍ୟକ୍ଷ ସଞ୍ଜୀବ ବରିହା ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଗଣଧାରଣାକୁ ସମର୍ଥନ କରିଥିଲେ। ଧବଳେଶର ସାହୁ,ଡାଏମନ ଭୂଏ, ଗିରିଶ ଡନସନା, ଦଶରଥ ଚାନ୍ଦ, ସୁଧାଂଶୁ ଶେଖର ବାରିକ, ଅମୃତ ସୁନା, ସୀତା ସୁନା, ଟିକି ମଲ୍ଲିକ,ଯୁଗେଶ୍ୱର ମଲ୍ଲିକ, ସୁରେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ବାଟ କଢୁଆଳର ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

**ପଦ୍ମପୁର,୨୫।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ବ୍ଲକ ବୁଢୁଡ଼ାରୁ ନିୟମିତ ଭାବେ ଦୀର୍ଘ ୬ ବର୍ଷ ହେବ ପ୍ରକାଶିତ ହୋଇ ଆସୁଥିବା ବାଟ କଢୁଆଳର ବାର୍ଷିକୋତ୍ସବ ସ୍ଥାନୀୟ ବୁଢୁଡେନ ମାଉଲି ମନ୍ଦିର ନିକଟରେ ଆସନ୍ତା ମାର୍ଚ୍ଚ ୨୩ ତାରିଖରେ ପାଳନ କରାଯିବ। ଏଥିପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ସୁରେନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ହୋଇଥିଲା। ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ସମ୍ମାନୀତ ଅତିଥି ଭାବେ ପ୍ରଧାପିକା ମୀନା ମହାରଣା ଚଞ୍ଚଳା ଦାଶ ସରପଞ୍ଚ, ପରମାନନ୍ଦ ମିଶ୍ର, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ବିମଳ କୁମାର ଦାଶ, ମୁଖ୍ୟବକ୍ତା ଭାବେ ଉତ୍ପନ୍ନ କୁମାର ଭୋଇ ଯୋଗଦାନ ଦେବାପାଇଁ ସ୍ୱୀକୃତି ପ୍ରଦାନ କରିଥିବା ମେହେର ସୂଚନା ଦେଇଛନ୍ତି।

## ଡୁଡୁକିଝରିଆକୁ ହରାଇ ଦର୍ଲୀମୁଣ୍ଡା ଚାମ୍ପିୟନ

**ପାଇକମାଳ,୨୫।୨(ବଢ଼ ଶତପଥି)**

### ଜୟ ବୁଢ଼ାରଜା କ୍ରିକେଟ କପ ଉଦ୍‌ଯାପିତ

ବରଗଡ଼ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ୫ମ ଜୟ ବୁଢ଼ାରଜା କ୍ରିକେଟ କପ ଦୁଇଟି ସେମିଫାଇନାଲ ସହ ଫାଇନାଲ ମ୍ୟାଚ ଖେଳାଯାଇଛି । ପ୍ରଥମ ସେମିଫାଇନାଲ ଡୁଡୁକିଝରିଆ ଓ ମାଣ୍ଡୋସିଲ ମଧ୍ୟରେ ହୋଇଥିଲା। ଡୁଡୁକିଝରିଆ ବିଜୟୀ ହୋଇ ଫାଇନାଲ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ଭୁତମୁଣ୍ଡାକୁ ହରାଇ ଦର୍ଲୀମୁଣ୍ଡା ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଥିଲା। ଡୁଡୁକିଝରିଆ ଓ ଦର୍ଲୀମୁଣ୍ଡା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଦର୍ଲୀମୁଣ୍ଡା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଯଦୁମଣି ମାଝୀ ଓ ନେପାଳ ମାଝୀ ଖେଳ ପରିଚାଳନା କରିଥିବା ବେଳେ ଶଶିଭୂଷଣ ପଟେଲ ସ୍କୋରର। ପୁଷ୍ପକାନ୍ତ ସାହୁ ଓ ଅଜିତ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ ।ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଭାଜପା ଯୁବ ମୋର୍ଚ୍ଚା ସମ୍ପାଦକ ପ୍ରତୀଶ ବହିଦାର ଓ ସମ୍ମାନିତ ଅତିଥି ଭାବରେ ବରଗଡ଼ ଯୁବ ମୋର୍ଚ୍ଚା ଉପସଭାପତି ରୋହନ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ତ୍ରିପୁରା ବରିହା, ଗ୍ରାମ୍ୟ କମିଟି ସଭାପତି ଜଗଦୀଶ ନାୟକ, ସମ୍ପାଦକ ଲବ ପଟେଲ, ମିହିର ମହାନ୍ତି, ମନୋଜ ମହାନ୍ତି, ଲକ୍ଷ୍ମଣ ମାଝୀ, ଗଜିନ୍ଦ୍ର ମାଝୀ, ସନ୍ତୋଷ ପ୍ରଧାନ, ଗୋପାଳ ପ୍ରସାଦ ବେହେରା, ଅଜିତ ପ୍ରଧାନ, ବାଳମୁକୁନ୍ଦ ପ୍ରଧାନ, ମଳୟ ମହାନ୍ତି, ଭୋଜରାଜ ପଟେଲ ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ସୌମ୍ୟରଞ୍ଜନ ମହାନ୍ତି, ଅମୀୟ ପ୍ରଧାନ, ଆଶିଷ ପ୍ରଧାନ, କିଶୋର ପଟେଲ, ଚକ୍ରଧର ପ୍ରଧାନ, ଟୁକୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳୀମାନେ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି, ଅନ୍ଧାରରେ ଗ୍ରାମବାସୀ

**ବଘିଆପଡା, ୨୫।୨(ଶ୍ରୀକାନ୍ତ ସାହୁ):** ବୌଦ୍ଧ ବ୍ଲକ ବ୍ରହ୍ମଚାରୀ ମେହେର ସାହିରେ ଲାଗିଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଏକ ସପ୍ତାହ ହେଲା ବଜ୍ରପାତରେ ପୋଡିଯାଇଛି। ଫଳରେ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ବର୍ତ୍ତମାନ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ଚାଲିଥିବାବେଳେ ବିଦ୍ୟୁତ ନ ଥିବାରୁ ପାଠପଢାରେ ଅସୁବିଧା ହେଉଛି। ଏ ନେଇ ଦାୟିତ୍ୱରେ ଥିବା ସୁପରଭାଇଜର ଅରବିନ୍ଦଙ୍କୁ ପଚାରିବାରୁ ଦୁଇଦିନରେ ୨୫ କେଭି ଟ୍ରାନ୍ସଫର୍ମର ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

## ଦାବି ପୂରଣ ନହେଲେ ୧୧ରେ ରାସ୍ତା ଅବରୋଧ

**ବରଗଡ଼,୨୫।୨(ପ୍ରେମାନନ୍ଦ ଖମାରୀ)**

### ଭିନ୍ନକ୍ଷମମାନଙ୍କ ୮ଦଫା ଦାବି

ବରଗଡ଼ ଜିଲାର ଭିନ୍ନକ୍ଷମମାନଙ୍କୁ ନେଇ ଗଠିତ ପେରେଣ୍ଟସ୍ ଆସୋସିଏଶନ ମଙ୍ଗଳବାର ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ୮ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରିଛି। ତୁରନ୍ତ ସେମାନଙ୍କ ଦାବି ପୂରଣ କରିବା ପାଇଁ ଆସୋସିଏଶନ ଦାବି କରିଛି। ଦାବି ସମୂହ ପୂରଣ କରା ନଗଲେ ଆସନ୍ତା ମାର୍ଚ୍ଚ ମାସ ୧୧ତାରିଖ ବରଗଡ଼ ସହର ଉପକଣ୍ଠ ହଲଦୀପାଲି ଛକରେ ରାସ୍ତା ଅବରୋଧ କରାଯିବ ବୋଲି ଆସୋସିଏଶନ ଚେତାବନୀ ଦେଇଛି। ବୟସ୍କ ଭିନ୍ନକ୍ଷମ, ବିଧବା ଏବଂ ନିରାଶ୍ରୟମାନଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ପ୍ରଦାନ, ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ଗୁଡ଼ିକୁ ଠିକ୍‌ଭାବେ ଧ୍ୟାନ ଦେବା, ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଭିନ୍ନକ୍ଷମ ମାନଙ୍କ ପାଇଁ ବାଧାମୁକ୍ତ ରାସ୍ତା କରାଯିବା, ବସୁନ୍ଧରା ଯୋଜନାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯିବା, ଦିବ୍ୟାଙ୍ଗମାନଙ୍କ କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ସରକାରୀ ଜାଗା ପ୍ରଦାନ ସହିତ ଭିନ୍ନକ୍ଷମ ମାନଙ୍କ କାର୍ଯ୍ୟାଳୟ ନିର୍ମାଣ, ପୂର୍ବରୁ ଆସୋସିଏଶନ କରି ଆସୁଥିବା ଦାବି ସମୂହର ପୂରଣ, ବରଗଡ଼ ସଦର ବ୍ଲକରେ ଭିନ୍ନକ୍ଷମମାନଙ୍କ ପାଇଁ ରହିଥିବା ସ୍ୱଚ୍ଛ ଭାରତ ମିଶନ ପାଇଖନା ଯୋଜନାର ଯନ୍ତ୍ରୀ ଏବଂ କିରାଣିଙ୍କୁ ବଦଳି ପାଇଁ ଆସୋସିଏଶନ ଦାବି କରିଛି। ଆସୋସିଏଶନର ସମ୍ପାଦକ ସାନନ୍ଦ ନାଗ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।


ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଦିବ୍ୟାଙ୍ଗମାନେ।

## ସଂକ୍ଷେପରେ

### ଆଜିଠୁ ବେଦବ୍ୟାସରେ ଜାଗର ମେଳା

**ବେଦବ୍ୟାସ, ୨୫।୨ (ଦେବବ୍ରତ ବେହୁରା):** ବୁଧବାର ମହାଶିବରାତ୍ରି। ଏଥିପାଇଁ ରାଉରକେଲା ବେଦବ୍ୟାସ ଶୈବପୀଠ ଉତ୍ସବମୁଖର ହୋଇପଡ଼ିଛି। ଏହି ପୀଠରେ ହେବାକୁ ଥିବା ମେଳା ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ ପ୍ରଶାସନିକ ସ୍ତରରେ ମଧ୍ୟ ପ୍ରସ୍ତୁତି ଶେଷ ହୋଇଛି। ପଶ୍ଚିମ ଓଡିଶା ସମେତ ପଡୋଶୀ ରାଜ୍ୟରୁ ଏଠାକୁ ଶ୍ରଦ୍ଧାଳୁମାନଙ୍କ ଆଗମନ ହେଲାଣି। ବୁଧବାର ସକାଳୁ ଭକ୍ତମାନେ ମନ୍ଦିରରେ ପୂଜାର୍ଚ୍ଚନା କରି ରାତି ତମାମ ଜାଗର ଜାଳି ମହାଦେବଙ୍କ ଉପାସନା କରିବେ। ଏବର୍ଷ ୧୩ ଦିନ ବ୍ୟାପୀ ଜାଗର ମେଳାର ଆୟୋଜନ କରାଯାଇଛି ଟ୍ରଷ୍ଟି ପ୍ରମୋଦ ପ୍ରଧାନ ସୂଚନା ଦେଇଛନ୍ତି।

### ପାଣି ସମସ୍ୟା ନେଇ ବିଡିଓଙ୍କୁ ଦାବିପତ୍ର

**ହେମଗିର, ୨୫।୨ (ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ତୁମୁଲିଆ ପଞ୍ଚାୟତ ବିହାମୁଣ୍ଡାର ଲୋକେ ଜଳ ସଙ୍କଟକୁ ନେଇ ହେମଗିର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ବିହାମୁଣ୍ଡାଠାରେ ଉଗ୍ରରୂପ ଧାରଣ କରିଛି ପିଇବା ପାଣି ସମସ୍ୟା। ଏହି ପଡ଼ାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ଶୁଦ୍ଧ ପିଇବା ପାଣିର କୌଣସି ସୁବିଧା ନାହିଁ । ଏକ ମାତ୍ର ନଳକୂପ ରହିଥିବା ବେଳେ ସେଥିରୁ ଗୋଳିଆ ପାଣି ନିର୍ଗତ ହେଉଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ଫଳରେ ପ୍ରାୟ ୨ କିଲୋମିଟର ଦୂରରେ ଥିବା ସାହାସପୁର ଗ୍ରାମ ଠାରୁ ପିଇବା ପାଣି ଆଣୁଛନ୍ତି ଲୋକେ। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବିହାମୁଣ୍ଡାର ଲୋକେ ହେମଗିର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

### ରେଳବାଇ ଜମିର ସୀମା ନିର୍ଦ୍ଧାରଣ

**ବନ୍ଧମୁଣ୍ଡା, ୨୫।୨ (ସୁବ୍ରତ ଦେ):** ବିଶ୍ରା ସହରର ରେଳ ଷ୍ଟେଶନ ନିକଟ ୨ଟି ରେଳବାଇ ଜମିର ମଙ୍ଗଳବାର ସକାଳ ୧୦ଟାରେ ସୀମା ନିର୍ଦ୍ଧାରଣ କରାଯାଇଛି। ଏହି ସୀମା ନିର୍ଦ୍ଧାରଣରେ ପ୍ରଥମ ପ୍ଲଟ୍‌ରେ ୫୮ ଡେସିମିଲ ଜମି ଏବଂ ଦ୍ୱିତୀୟ ପ୍ଲଟ୍‌ରେ ୧୦ ଡେସିମିଲ ଜମି ମାପ କରାଯାଇଛି। ବିଶ୍ରା ତହସିଲ ବିଭାଗର କର୍ମଚାରୀ, ସ୍ଥାନୀୟ ପୋଲିସ କର୍ମଚାରୀ, ଆର୍‌ପିଏଫ୍ ଏବଂ ରେଳବାଇ ଆଇଓଡବ୍ଲ୍ୟୁ ଅଧିକାରୀଙ୍କ ଉପସ୍ଥିତିରେ ସୀମା ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖନୀୟ ଯେ ଏହି ଜମି ଦୀର୍ଘଦିନ ଧରି ବିବାଦରେ ରହିଥିଲା। ଜମି ସମ୍ପର୍କରେ ସୁନ୍ଦରଗଡ଼ ଜିଲାପାଳଙ୍କ ନିକଟରେ ଅନେକ ଥର ଅଭିଯୋଗ କରାଯାଇଛି। ଫଳରେ ରେଳବାଇ ପ୍ରଶାସନ ପକ୍ଷରୁ ଏହି ଜମିର ସୀମା ନିର୍ଦ୍ଧାରଣ ପାଇଁ ଆବେଦନ କରାଯାଇଥିଲା।

### ରାଏବୋଗାକୁ ନୂତନ ବ୍ଲକ୍ ଗଠନ ଦାବି

**ସୁନ୍ଦରଗଡ଼, ୨୫।୨ (ଜୟ ନାରାୟଣ ମେଣ୍ଡୁଲି):** ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହା ସମାଜର ଏକ ପ୍ରତିନିଧି ଦଳ ଓ ସଦସ୍ୟ ମଙ୍ଗଳବାର ଜିଲାପାଳଙ୍କୁ ଭେଟି କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରାଏବୋଗାକୁ ନୂତନ ବ୍ଲକ୍ ଗଠନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି, ସୁନ୍ଦରଗଡ଼ ଜିଲାର କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ଅଞ୍ଚଳକୁ ଲାଗି ରହିଛି ସଲଙ୍ଗାବାହାଲ ଗ୍ରାମପଞ୍ଚାୟତ, ମଖାପଡ଼ା, ଦଲକି, ଅଣ୍ଡାଳି (ଜାମବାହାଲ), ରାଏବୋଗା, ଅନ୍ଧାରୀ, ଝୁନମୁର, ପ୍ରତାପପୁର, ଝାରବେଡ଼ା ପଞ୍ଚାୟତ। ଏହି ୯ଟି ପଞ୍ଚାୟତରୁ କୁଆଁରମୁଣ୍ଡା ବ୍ଲକ୍‌ର ଦୂରତା ୩୫ରୁ ୪୦ କି.ମି.। ଯାତାୟାତ ସାଙ୍ଗକୁ ସମୟ ଓ ବ୍ୟୟ ସାପେକ୍ଷ। ପଞ୍ଚାୟତସ୍ତରୀୟ ସଭା, ସାଧାରଣ ଅଭିଯୋଗ ପାଇଁ କୁଆଁରମୁଣ୍ଡା ବ୍ଲକ୍‌କୁ ଯିବା ଆସିବା ବହୁ ଅସୁବିଧା ହୋଇଥାଏ। ଏଣୁ ସରକାରଙ୍କ ନୂତନ ବ୍ଲକ୍ ଗଠନ ପ୍ରସ୍ତାବରେ କୁଆଁରମୁଣ୍ଡା ବ୍ଲକ୍ ଅନ୍ତର୍ଗତ ରାଏବୋଗାଠାରେ ୯ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ୍ ଗଠନ କରାଗଲେ ଏହି ସୀମାନ୍ତ ଅଞ୍ଚଳରେ ଥିବା ପଞ୍ଚାୟତ, ଗାଁଗୁଡିକର ଜନସାଧାରଣ ବହୁ ସୁବିଧା ପାଇବା ସହ ପ୍ରତିଟି କ୍ଷେତ୍ରରେ ଉପକୃତ ହୋଇପାରନ୍ତେ। ତେଣୁ ସୀମାନ୍ତ ଅଞ୍ଚଳର ଜନସାଧାରଣଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯାତାୟାତ ଓ ଗମନାଗମନର ବିଶେଷ ସୁବିଧା ଥିବା ରାଏବୋଗାରେ ନୂତନ ବ୍ଲକ୍ ଗଠନ ପାଇଁ ବିଶେଷ ଦୃଷ୍ଟିଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପାଦକ ରାମଚନ୍ଦ୍ର ଅମାତ, ପ୍ରଦୀପ ବେହେରା, ଉପ ସଭାପତି ଦେବେନ୍ଦ୍ର କୁମାର ଅମାତ, ବଶିଷ୍ଟ ଭିତିରିଆ, ପୂର୍ଣ୍ଣଚନ୍ଦ୍ର ଗୁରୁ ପ୍ରମୁଖ ଦାବି କରିଛନ୍ତି ।

# ପୋତି ହୋଇଗଲେ ୩ ଶ୍ରମିକ

**ବଣାଇଁ, ୨୫।୨ (ପ୍ରଦୀପ ତ୍ରିପାଠୀ)**

## ମାଟି ଖନନ ବେଳେ ଅତଡ଼ା ଧସିଲା



ସୁନ୍ଦରଗଡ଼ ଜିଲା ଲହୁଣିପଡା ଥାନା ଅଧୀନ ଦମାଲୁଠାରେ ଓଡିଶା ଖଣି ନିଗମ କୁର୍ମିତାର ଲୌହ ଖଣିର ଟାୱାର ନିର୍ମାଣ ପାଇଁ ମାଟି ଖୋଳା ଯାଉଥିବାବେଳେ ଅତଡା ଧସିଯିବାରୁ ୨ ମହିଳାଙ୍କ ସମେତ ୩ଜଣ ଶ୍ରମିକ ପୋତି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲହୁଣିପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ସୂଚନା ଅନୁସାରେ, ଓଡିଶା ଖଣି ନିଗମ କୁର୍ମିତାର ଲୌହ ଖଣିରେ ଖଣି ଖନନ ପାଇଁ ଆଦାନୀ କମ୍ପାନୀ ନୂଆ ଠିକା ପାଇଛି । ଖଣି ଖନନ ପରେ ଉତ୍ତୋଳିତ ଲୁହାପଥରକୁ କନଭେୟର ବେଲ୍ଟ ସାହାଯ୍ୟରେ ରପ୍ତାନୀ କରାଯାଉଛି। ଏହି କାମ ଆଦାନୀ କମ୍ପାନୀ ଠିକାରେ ଏଲ୍‌ବିଆର୍ ନାମକ ଠିକା ସଂସ୍ଥାକୁ ଦେଇଛି। ମଙ୍ଗଳବାର ଲୌହ ଖଣିର ଦମାଲୁଠାରେ ଟାୱାର ନିର୍ମାଣ ପାଇଁ ମାଟିଖୋଳା କାମ ଚାଲିଥିବାବେଳେ ଅତଡ଼ା ଧସିଯିବାରୁ ୨ମହିଳାଙ୍କ ସମେତ ୩ ଜଣ ଶ୍ରମିକ ଚାପି ହୋଇଯାଇଥିଲେ। ସେମାନେ ହେଲେ ନାତନି ହରୋ, ଫୁଲମଣି ଟପ୍ପୋ ଓ ଅଗସ୍ତି ମୁଣ୍ଡା। ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟ ଓ ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଏ ନେଇ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଠିକାସଂସ୍ଥାର ସାଇଡ ଇନ୍‌ଚାର୍ଜଙ୍କୁ ସ୍ଥାନୀୟ ଅଞ୍ଚଳର ଉତ୍ତ୍ୟକ୍ତ ଲୋକେ ମାର୍‌ପିଟ୍ କରିଥିବା ଜଣାପଡ଼ିଛି। ଲହୁଣିପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ସୁନ୍ଦରଗଡ, ୨୫।୨ (ଜୟ ନାରାୟଣ ମେଣ୍ଡୁଲି)**



ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ସୁନ୍ଦରଗଡ ବିଜୁ ଜନତା ଦଳର ବରିଷ୍ଠନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାର ନାମକୁ ପରିବର୍ତ୍ତନ କରାଯାଇ ସ୍ଥାନୀୟ ରାଜପରିବାରର ପୂର୍ବତନ ରାଜା ଭବାନୀ ଶଙ୍କର ଶେଖରଦେଓଙ୍କ ନାମ ଅନୁଯାୟୀ ଭବାନୀ ଶଙ୍କର ମେଡିକାଲ କଲେଜ ଓ ଡାକ୍ତରଖାନା ନାମରେ ନାମିତ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ସୁନ୍ଦରଗଡର ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟରେ ତତ୍କାଳୀନ ଗଡଜାତ ରାଜ୍ୟ ଗାଙ୍ଗପୁର ତଥା ଅଧୁନା ସୁନ୍ଦରଗଡ ରାଜପରିବାରଙ୍କ ଅତୁଳନୀୟ ଅବଦାନକୁ କେହି ହେଲେ ଭୁଲି ପାରିବେ ନାହିଁ। ଜିଲା କାର୍ଯ୍ୟାଳୟରୁ ଆରମ୍ଭ କରି ଜିଲା ପୋଲିସ କାର୍ଯ୍ୟାଳୟ, ଜିଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ, ଅବକାରୀ ବିଭାଗ କାର୍ଯ୍ୟାଳୟ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ରାଣୀ ଜାନକୀ ଉଚ୍ଚ ପ୍ରାଥମିକ ବାଳିକା ବିଦ୍ୟାଳୟ, ଭବାନୀ ଭବନ ଖେଳ ପଡିଆ ଏହାର ଉଦାହରଣ। ଗତ ୧୯୪୨ ମସିହାରୁ ଭବାନୀ ଶଙ୍କର ହସ୍ପିଟାଲ ନାମରେ ଆରମ୍ଭ ହୋଇ ବର୍ତ୍ତମାନ ଯାଏ ଚାଲୁଥିବା ଜିଲା ମୁଖ୍ୟ ଡାକ୍ତରଖାନା ସହିତ ପୂର୍ବରୁ ଯେଉଁ ଜାଗାରେ କୁକୁଡ଼ା ଫାର୍ମ ଥିଲା ସେହି ଜାଗାରେ ବର୍ତ୍ତମାନ ନିର୍ମାଣ ହୋଇଥିବା ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ଜାଗା ମଧ୍ୟ ରାଜପରିବାରଙ୍କ ଜମି। ତେଣୁ ସେହି ରାଜପରିବାରଙ୍କ ସମ୍ମାନ ଏବଂ ସୁନ୍ଦରଗଡ ଜନସାଧାରଣଙ୍କ ଆବେଗକୁ ସମ୍ମାନ ଜଣାଇ ଏଠାରେ ଥିବା ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାର ନାମକୁ ପରିବର୍ତ୍ତନ କରି ଭବାନୀ ଶଙ୍କର ମେଡିକାଲ କଲେଜ ଓ ଡାକ୍ତରଖାନା ନାମରେ ନାମିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ରରେ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ସୁନ୍ଦରଗଡ ରାଜମାତା ପଦ୍ମିନୀ ଶେଖରଦେଓ, ରାଜା ସମରେନ୍ଦ୍ର ଶେଖରଦେଓ, ରାଣୀ ବିଜ୍ଞାନୀ ଶେଖରଦେଓ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ବୈକୁଣ୍ଠ ନାଏକ, ଅବନୀକାନ୍ତ ପୁରୋହିତ, ସଞ୍ଜୟ ପଟ୍ଟନାୟକ, ମୁନିସିପାଲିଟିର ସମସ୍ତ ଦଳୀୟ କାଉନସିଲର, ଜନ୍ମଜୟ ମହାପାତ୍ର, ଗୋପ ମହାନ୍ତି, ଏମଡି କଲିମ, ସୁମନ୍ତ ପଣ୍ଡା ସମେତ ବିଜେଡିର ଅନେକ ସଭ୍ୟଙ୍କ ଦସ୍ତଖତ ରହିଛି।

## ବଡ଼ଗାଁ ପଞ୍ଚାୟତ ସମିତି ସାଧାରଣ ଅଧିବେଶନ

**ବଡ଼ଗାଁ, ୨୫।୨ (ଅଶୋକ ଷଡ଼ଙ୍ଗୀ)**

ବଡ଼ଗାଁ ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ ମଙ୍ଗଳବାର ପୂର୍ବାହ୍ନ ୧୧ରେ ଆରମ୍ଭ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଅଧିବେଶନରେ ଭାଇସ ଚେୟାରମେନ ରଶ୍ମିତା ପଟେଲ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ବିଧାୟକ ପ୍ରତିନିଧି ବାବୁଲି କର୍ସେଲ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ପରିଚୟ ପ୍ରଦାନ କରିଥିଲେ। ପରେ ଅଧିବେଶନରେ ଆଲୋଚନା ଆରମ୍ଭ ହୋଇଥିଲା। ବୈଠକ ଚାଲିବାର ୧୫ ମିନିଟ ପରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ହୋଇଥିବା ଗ୍ରାମସଭାର ପ୍ରସ୍ତାବ ମଞ୍ଜୁରୀକୁ ନେଇ କେତେଜଣ ସରପଞ୍ଚ ଅଣଦେଖା କରାଯାଉଥିବା ଅଭିଯୋଗ ଉଠାଇ ବୈଠକରୁ ଉଠି ଚାଲିଯାଇଥିଲେ। ଏବିଡିଓ ଉଷାବତୀ ଗରଡିଆ ଓ ଏମପି ପ୍ରତିନିଧି ଶିଶିର ରାଉତରାୟ ସରପଞ୍ଚଙ୍କୁ ବୁଝାସୁଝା କରିବା ପରେ ବୈଠକକୁ ଯାଇ ଆଲୋଚନା କରିଥିଲେ। ବିଡିଓ ଭୋଇ ଏଠାକୁ ଆସିଥିବା ପ୍ରସ୍ତାବ ଉପରେ ସରପଞ୍ଚ ଓ ସମିତି ମେମ୍ବରମାନେ ମିଶି ପ୍ରୋଜେକ୍ଟ ଦେବାକୁ କହିଥିଲେ। ବୈଠକରେ ଡାକ୍ତର ସାରଦା ପ୍ରସନ୍ନ ଜେନା ସମସ୍ତ ଗ୍ରାମକୁ ଟିବି ମୁକ୍ତ କରିବା ପାଇଁ ଚାଲିଥିବା ଯୋଜନା ଉପରେ ଜଣାଇଥିଲେ। ବ୍ଲକ ଅଞ୍ଚଳର ୧୨ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଆକାଉଣ୍ଟକୁ ପିଏମ କିସାନ ଯୋଜନାର ଅର୍ଥ ଯାଇଥିବା କୃଷି ଅଧିକାରୀ ରିତୁରାନି କାଲୋ ସୂଚନା ଦେଇଥିଲେ। ଆସନ୍ତା ମାର୍ଚ୍ଚ ସୁଦ୍ଧା ବଡ଼ଗାଁ, ତୁଡାଲଗା, ପାମରା, ଟିକିଲିପଡା, ଫୁଲବାରି ଓ ଦାଣ୍ଡଜମରା ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ହେବ ବୋଲି ବ୍ଲକ ଜଳ ଓ ପରିମଳ ଯନ୍ତ୍ରୀ ମଳୟ ବସନ୍ତ କହିଥିଲେ। ତୁଡାଲଗା ଓ ଜରଙ୍ଗଲୋଇ ପଞ୍ଚାୟତରେ ୨୦ ହଜାର ବୃକ୍ଷ ରୋପଣ କରାଯିବ ବୋଲି ବନ କର୍ମଚାରୀ ପ୍ରଜ୍ଞା ପରମିତା ସାମଲ ସୂଚନା ଦେଇଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରତିବର୍ଷ ସମସ୍ତ ପଞ୍ଚାୟତରେ ୨୦ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ କାର୍ଯ୍ୟ ହେବ ଜଣାଇ ସରପଞ୍ଚ ଓ ସମିତି ମେମ୍ବରମାନେ ମିଶି ଯୋଜନାର କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ତହସିଲଦାର ଝରଣା ପ୍ରଧାନ, ଏବିଡିଓ ଉଷାବତୀ ଗରଡିଆ, ଥାନା ଅଧିକାରୀ ଆଶିଷ କୁମାର ଜେନା ପ୍ରମୁଖ ଆଲୋଚନା କରିଥିଲେ।

## ଗୁରୁକୁଳ ବୈଦିକ ଆଶ୍ରମର ୬୫ତମ ବାର୍ଷିକୋତ୍ସବ ଉଦ୍‌ଘାଟିତ




ସାଧୁସନ୍ଥମାନଙ୍କ ଶୋଭାଯାତ୍ରା ନଗର ପରିକ୍ରମା କରୁଛି।

**ରାଉରକେଲା, ୨୫।୨ (ବିପ୍ଲବ ରଞ୍ଜନ ଦାଶ)**

ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମର ୬୫ତମ ବାର୍ଷିକୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରାତଃ ୮ ଘଟିକାରେ ବିଶିଷ୍ଟ ବୈଦିକ ବିଦ୍ୱାନ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଓମ୍ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଉତ୍ସବରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୈଦିକ ଧର୍ମ ଓ ଦର୍ଶନ ଉପରେ ଆଲୋଚନା କରିଥିଲେ। ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଉମାକାନ୍ତ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଶ୍ରମର ମୁଖ୍ୟ ଅଧିଷ୍ଠାତା ଆଚାର୍ଯ୍ୟ ଡଃ ଦେବବ୍ରତ, ବରିଷ୍ଠ ଟ୍ରଷ୍ଟି ଅଶୋକ କୁମାର ଅଗ୍ରୱାଲ, ବିଶିଷ୍ଟ ବେଦ ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଉପାଧ୍ୟାୟ, ପଣ୍ଡିତ ନକୁଳ ଦେବ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଆଶ୍ରମ ଅନ୍ତେବାସୀ, ବିଭିନ୍ନ ସ୍ଥାନରୁ ଆସିଥିବା ବୈଦିକ ବିଦ୍ୱାନ ଓ ସାଧୁସନ୍ଥମାନଙ୍କର ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଆଶ୍ରମର ସମ୍ପାଦକ ରାମଚନ୍ଦ୍ର ସାହୁ ବେଦ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରାରେ ପ୍ରସନ୍ନ କୁମାର ଶାସ୍ତ୍ରୀ, ସ୍ୱାମୀ ସୋମବେଶ, ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ବିଶୁଦ୍ଧାନନ୍ଦ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ଆଚାର୍ଯ୍ୟ ଅପୂର୍ବ ଦେବ, ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର, ଚନ୍ଦନ ନିଖଣ୍ଡିଆ, ବ୍ରହ୍ମଚାରୀ କବୀନ୍ଦ୍ର, ନୃସିଂହଜୀ ପ୍ରମୁଖ ସାଧୁସନ୍ଥ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ତିନିଦିନ ଧରି ଅନୁଷ୍ଠିତ ହେବ। ବୁଧବାର ଋଷି ବୋଧ ଉତ୍ସବ, ବେଦ ପାରାୟଣ ଓ ମହାଯଜ୍ଞ ସମ୍ପାଦନ କରାଯିବ ଏବଂ ୨୭ ତାରିଖରେ ଉତ୍ସବ ଉଦ୍‌ଯାପିତ ହେବ। ଉତ୍ସବ ପରିଚାଳନାରେ ଡ. ଉମାକାନ୍ତ ପଣ୍ଡା, ସୁବାସ ଚନ୍ଦ୍ର ସାହୁ, ପୁରୁଷୋତ୍ତମ ସାହୁ, ରବୀନ୍ଦ୍ର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।

## କିଷାନ ସମାଜ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କିଷାନ ସମାଜ ସଭାପତିଙ୍କୁ ସ୍ୱାଗତ କରାଯାଉଛି।

**ସବଡେଗା, ୨୫।୨ (ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ବଣେଇଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ କୁଣହାଁ ସମାଜ ସମ୍ମିଳନୀରେ ଦେବେନ୍ଦ୍ର ପ୍ରସାଦ ମାଝୀଙ୍କୁ ଜିଲା ସ୍ତରୀୟ କିଷାନ ସମାଜର ସଭାପତିଭାବେ ମନୋନୀତ କରାଯାଇଛି। ଏନେଇ ନିଜ ଗାଁ ତୁମୁଲିଆର କୁଣହାଁ ସମାଜ ଗଙ୍ଗାଗୁଡ଼ି ସମେତ ବିଭିନ୍ନ ଗଙ୍ଗାଗୁଡ଼ି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂତନଭାବେ ମନୋନୀତ ହୋଇଥିବା ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ଆଗାମୀ ଦିନରେ କିଷାନ ସମାଜକୁ ଶିକ୍ଷିତ, ସୁସଙ୍ଗଠିତ ଏବଂ ସଚେତନଧର୍ମୀ କରିବା ସହ ଜାତିର ସଂସ୍କୃତି ପରମ୍ପରା ସୁରକ୍ଷା ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ। ଏଥିପାଇଁ ଯେତେ ବାଧା ବିଘ୍ନ ଆସିଲେ ମଧ୍ୟ ସାମାଜିକ ସ୍ତରରେ ନ୍ୟାୟ ପାଇଁ ଲଢେଇ କରାଯିବ ବୋଲି କହିଥିଲେ। ପ୍ରକାଶଥାଉକି, ଦେବେନ୍ଦ୍ର ପ୍ରସାଦ ମାଝୀ ଆଦିବାସୀଙ୍କ ଗବେଷଣା ସ୍ୱରୂପ ଆଦିମ ସଂସ୍କୃତି ବିଚାରଧାରା ଓଡ଼ିଶା ଏବଂ ଆଦିବାସୀ ଇଣ୍ଡିଆ ପରିବାରର ସଂଯୋଜକ ଅଛନ୍ତି। ସେ ଇଣ୍ଡିଆନ ନ୍ୟାସନାଲ ଟ୍ରାଇବାଲ ଡେଭଲପ କାଉନସିଲର ସାଧାରଣ ସମ୍ପାଦକ ମଧ୍ୟ ଅଛନ୍ତି। ଏଥିସହ ରାଜ୍ୟ ସ୍ତରୀୟ ସଭାପତିଭାବେ ମନୋନୀତ ହୋଇଥିବା ଅବସରପ୍ରାପ୍ତ ପ୍ରଶାସକ ସୁନାସିର କିସାନ ଓ ସାଧାରଣ ସମ୍ପାଦକ ରାମଚନ୍ଦ୍ର ମାଝୀଙ୍କ ନିଯୁକ୍ତିକୁ ସମଗ୍ର ସୁନ୍ଦରଗଡ଼ ଜିଲାର କିଷାନ ସମାଜ ପକ୍ଷରୁ ସ୍ୱାଗତ କରାଯାଇଛି। ମୁଖ୍ୟ ଉପଦେଷ୍ଟା ଭାବେ ମନୋନୀତ ହୋଇଥିବା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଅବସରପ୍ରାପ୍ତ ପ୍ରଶାସକ ମକୁନ୍ଦ କିସାନ ଏବଂ ଶୋଭାରାମ ପ୍ରଧାନଙ୍କୁ ମଧ୍ୟ ସୁନ୍ଦରଗଡ଼ ଜିଲା ସ୍ତରୀୟ କୁଣହାଁ କିଷାନ ପକ୍ଷରୁ ସ୍ୱାଗତ କରାଯାଇଛି।

## ଶ୍ରମିକ ମୃତ୍ୟୁକୁ ନେଇ ଆଇଜିଏଚ୍‌ରେ ଉତ୍ତେଜନା



**ରାଉରକେଲା, ୨୫।୨ (ସଙ୍ଗୀତା ଜେନା)**

ରାଜଗାଙ୍ଗପୁରରେ ଥିବା ଏକ ଘରୋଇ ଶିଳ୍ପ ଚନ୍ଦ୍ରା ଇଞ୍ଜିନିୟରିଂରେ କାର୍ଯ୍ୟରତ ଜଣେ ଶ୍ରମିକ ଫଗୁ ମାଝୀ(୫୩) କାରଖାନା ପରିସରରେ ଅସୁସ୍ଥ ହୋଇପଡିଥିଲେ। ଗତ ରବିବାର ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳ ୬ଟାରେ ଉକ୍ତ ଶ୍ରମିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମର୍ଗ ହାଉସରେ ମୃତଦେହ ରଖାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟାରେ ମୃତଦେହ ନେବା ପୂର୍ବରୁ ସମ୍ପର୍କୀୟମାନେ କ୍ଷତିପୂରଣ ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇଏନ୍‌ଟିୟୁସି ଜିଲା ସଭାପତି ନିହାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପହଞ୍ଚି ମୃତକଙ୍କ ପରିବାରକୁ ସମର୍ଥନ କରିଥିଲେ। ରାତି ୯ଟା ଯାଏ କମ୍ପାନୀ ମାଲିକଙ୍କ ସହ କ୍ଷତିପୂରଣ ବାବଦରେ କୌଣସି ଚୂଡ଼ାନ୍ତ ହୋଇପାରି ନ ଥିଲା।

## କୁତ୍ରା ପଞ୍ଚାୟତ ସମିତି ବୈଠକ



ବୈଠକରେ ଉପସ୍ଥିତ ଅତିଥିମାନେ।

**କୁତ୍ରା, ୨୫।୨ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ଲାକଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ, ଏବିଡିଓ ଲିଲି ସଞ୍ଜିତା ମିଞ୍ଜ, ଉପାଧ୍ୟକ୍ଷ କୌସ୍ତୁଭ ଭୂଷଣ ହୋତା, ଏମପି ପ୍ରତିନିଧି ମହାରାଜ ମାଝୀ, ବିଭିନ୍ନ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ, ଜିଲା ପରିଷଦ ସଭ୍ୟ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହିଥିଲେ। ଏହି ବୈଠକରେ କୁତ୍ରା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଭାଗର ଚାଲିଥିବା କାର୍ଯ୍ୟ ସୁବିଧା ଅସୁବିଧା ନେଇ ଆଲୋଚନା ହୋଇଥିଲା। ବିଶେଷ କରି କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ବର୍ଷରୁ ସ୍ତ୍ରୀ ଓ ଶିଶୁ ରୋଗ ବିଶେଷଜ୍ଞଙ୍କ ପଦବୀ ଖାଲି ପଡିଥିବା ବେଳେ ଏହି ଅଞ୍ଚଳର ଜନସାଧାରଣ ସଦାସର୍ବଦା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ପଞ୍ଚାୟତ ସ୍ତରର ଜନ ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଥିଲେ। ଏହି ୨ଟି ପଦବୀ ସହ ଏଠାରେ ଆବଶ୍ୟକ ଡାକ୍ତର ନିଯୁକ୍ତି ପାଇଁ ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ଗ୍ରହଣ କରିବା ପାଇଁ ବ୍ଲକ ପ୍ରଶାସନ ନିକଟରେ ଦାବି ରଖିଥିଲେ। ଏହାସହିତ ଦନ୍ତ ବିଭାଗରେ ୨ ବର୍ଷରୁ ଆସିଥିବା ଏକ୍ସରେ ମେଶିନ କାର୍ଯ୍ୟକ୍ଷମ ହେଉ ନାହିଁ ତାହାକୁ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ କହିଥିଲେ। ଏହାସହ ବିଭିନ୍ନ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ରାସ୍ତା ଘାଟ ନିର୍ମାଣ ଓ ମରାମତି, ବିଭିନ୍ନ ଭତ୍ତା ତଥା ବିକାଶ ମୂଳକ କାର୍ଯ୍ୟ ବାବଦରେ ଆଲୋଚନା ହୋଇଥିଲା।

## ପରୀକ୍ଷା କେନ୍ଦ୍ରରେ ନାହିଁ ସିସି କ୍ୟାମେରା

**କୁତ୍ରା, ୨୫।୨ (ଦେବାଶିଷ ସାହୁ)**

ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ କପି ରୋକିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଶ୍ନ ପତ୍ରରେ ବାରକୋଡ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଫଳରେ ପ୍ରଶ୍ନ ପତ୍ର ଲିକ ହେଲେ କେଉଁ ବିଦ୍ୟାଳୟରୁ କେଉଁ ପିଲାଙ୍କ ପାଖରୁ ଲିକ ହେଇଛି ତାହା ଅତି ସହଜରେ ଧରା ପଡିବ। ଏହାସହିତ ରାଜ୍ୟର ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରାର ବ୍ୟବସ୍ଥା କରାଯାଇଛି। ହେଲେ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ମାତ୍ରାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କୁତ୍ରା ବ୍ଲକର ୪ଟି ବିଦ୍ୟାଳୟ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ, କିରିଙ୍ଗସେରା ଉଚ୍ଚ ବିଦ୍ୟାଳୟ, ଜନ୍ତା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି। ତେବେ ୩ଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲାଗିଥିବା ବେଳେ କେବଳ ବିରିଙ୍ଗାଟୋଲି ଉଚ୍ଚ ବିଦ୍ୟାଳୟରେ କ୍ୟାମେରା ଲାଗିନାହିଁ। ଶିକ୍ଷା ବିଭାଗର କଡା ନିର୍ଦ୍ଦେଶ ସତ୍ତ୍ୱେ କାହିଁକି କ୍ୟାମେରା ଲାଗି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏହାକୁ ନେଇ ସୁପରିଟେଣ୍ଡେଣ୍ଟ ଦାୟିତ୍ୱରେ ଥିବା ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସରିତା ସରୋନିଆଙ୍କୁ ପଚାରିବାରୁ, ସିସିଟିଭି ଲାଗିବାରେ ବିଳମ୍ବ ହେଉଛି। ଖୁବଶୀଘ୍ର ଲାଗିବ ବୋଲି କହିଛନ୍ତି। ଅବଜରଭର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବାରୁ, ଏହାର ଠିକ ଉତ୍ତର ପ୍ରଧାନ ଶିକ୍ଷୟିତ୍ରୀ ଦେଇ ପାରିବେ ବୋଲି କହିଥିଲେ। ତେବେ ଏହି ପରୀକ୍ଷା କେନ୍ଦ୍ରରେ ୩ ବିଦ୍ୟାଳୟର ୧୯୮ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

## ପିଏମ୍ କିଷାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ

**ସୁନ୍ଦରଗଡ଼, ୨୪।୨ (ଜୟ ନାରାୟଣ ମେଣ୍ଡୁଲି)**



କାର୍ଯ୍ୟକ୍ରମରେ ମନ୍ତ୍ରୀ ଜୁଏଲ ଓରାମଙ୍କ ସହ ଅନ୍ୟ ଅତିଥିମାନେ।

ସ୍ଥାନୀୟ ସଂସ୍କୃତି ଭବନଠାରେ ସୋମବାର ପିଏମ କିଷାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଅନ୍ତର୍ଗତ ଯୋଗ୍ୟ ବିବେଚିତ କୃଷକଙ୍କୁ ୧୯ତମ କିସ୍ତି ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାଷୀ ଭଉଣୀଭାଇମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ପିଏ, ଆଇଟିଡିଏ ଧୀରେନ୍ଦ୍ର ସେଠୀ, ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ଓୟୁଏଟିର ପ୍ରଫେସର୍ ଏମପି ନାୟକ, ଡିଆଇଓ, ଏନଆଇସି କାନ୍ଦ୍ରା ହେମ୍ବ୍ରମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ବିଭାଗୀୟ ଷ୍ଟଲ ଗୁଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରିବା ସହିତ ଷ୍ଟଲ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ବହୁ ସଂଖ୍ୟାରେ ଚାଷୀ ଭଉଣୀ ଭାଇମାନେ ଯୋଗ ଦେଇଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜିଲାର ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟାଙ୍ଗରପାଲି ବ୍ଲକର ସଫଳ ଛତୁ ଚାଷୀ ଏବଂ ଜିଆ ଖତ ଚାଷ କରୁଥିବା କେତକୀ କାଲୋ, ବାଲିଶଙ୍କରା ବ୍ଲକର ମାଛ ଜାଆଁଳା ଉତ୍ପାଦନ ନିମନ୍ତେ ଚାଷୀ ପଦ୍ମିନୀ କଛାର, ସଦର ବ୍ଲକର ଗୋ- ପାଳକ ବବିତା ଯାଦବ, କୁଆଁରମୁଣ୍ଡା ବ୍ଲକର ଚାଷୀ ଯିଏକି ଶ୍ରୀ ଅନ୍ନ ଏବଂ ଅବହେଳିତ ଫସଲର ବୀଜ ସଂରକ୍ଷଣ କରୁଥିବା ଚାଷୀ ଯକ୍ରିଆସ କଣ୍ଡୁଲନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ତାଳପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ମାନେଶ୍ୱର ବ୍ଲକ ତାଳପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ କୁମାର ପ୍ରଧାନ ମୁଖ୍ୟ ଅତିଥି, ଗଣେଶରାମ ପ୍ରଧାନ ମୁଖ୍ୟବକ୍ତା, ନବୀନ କିଷାନ ଏବଂ ସିଆରସିସି ରଶ୍ମିତା ପ୍ରଧାନ ସମ୍ମାନୀତ ଅତିଥିଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ ପ୍ରତି ସମର୍ପିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ବାରିକ ବାର୍ଷିକ ବିରରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁସ୍ମିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଆୟୋଜନରେ ଜ୍ୟୋସ୍ନାମୟୀ ସେଠ, ଗୁପ୍ତେଶ୍ୱରୀ ପ୍ରଧାନ, ଗୀତାଞ୍ଜଳି ନାୟକ, ସହଯୋଗ କରିଥିଲେ।

### ସଂକ୍ଷେପରେ

## ରଞ୍ଜନ ସେଠ ସମ୍ବଲପୁର ରେଡକ୍ରସ ସୋସାଇଟି ପୃଷ୍ଠପୋଷକ

**ସମ୍ବଲପୁର,୨୫।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ରେଡକ୍ରସ ସୋସାଇଟିର ପୃଷ୍ଠପୋଷକ ହୋଇଛନ୍ତି ପୂର୍ବତନ ଯୋଗାଣ ଅଧିକାରୀ ରଞ୍ଜନ ସେଠ। ମଙ୍ଗଳବାର ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ ତାଙ୍କୁ ଜିଲା ରେଡକ୍ରସ ସୋସାଇଟି ପୃଷ୍ଠପୋଷକ ହେବା ନେଇ ସ୍ୱୀକୃତି ପ୍ରଦାନ କରିଥିଲେ। ଏହି ଅବସରରେ ରେଡକ୍ରସ ସୋସାଇଟିର କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା, ରଞ୍ଜନ ସେଠଙ୍କ ସ୍ତ୍ରୀ ଉମା ସେଠ, ସମ୍ବଲପୁର ଜିଲା ରେଡକ୍ରସ ସୋସାଇଟି ପୃଷ୍ଠପୋଷକ ନିହାଲ ସିଂ, ଉପପୃଷ୍ଠପୋଷକ ମୋମିନା ଖାତୁନ ଉପସ୍ଥିତ ଥିଲେ।

## ସୂଚନା ଓ ପ୍ରଯୁକ୍ତି ବିଦ୍ୟା ରଥ ଶୁଭାରମ୍ଭ

**ଜମନକିରା,୨୫।୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ଏସ୍‌ସିଏସ୍‌ଟି କମ୍ପ୍ୟୁଟର ଏକାଡେମୀ ପକ୍ଷରୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସଚେତନତା ରଥର ଶୁଭାରମ୍ଭ ମଙ୍ଗଳବାର ହୋଇଛି। ମୁଖ୍ୟଅତିଥିଭାବେ ରବୀନ୍ଦ୍ର ପ୍ରସାଦ ଦାନୀ ଯୋଗଦେଇ ରଥର ଶୁଭାରମ୍ଭ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ସାଂପ୍ରତିକ ସମୟରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ), ରୋବଟିକ, ମେଶିନ ଲାର୍ନିଂ, ଆଇଟି ଶିକ୍ଷା ଏବଂ ଏହାର ବ୍ୟବହାରର ଦକ୍ଷତା, ସରକାରୀ ଚାକିରି ପାଇଁ ଆବଶ୍ୟକ ପଢୁଥିବ ଓକେସିଏଲ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନୀତ ଅତିଥିଭାବେ ସତ୍ୟପ୍ରିୟ ମହାପାତ୍ର, ସମାଜସେବୀ ସୁମିତ୍ରା ଲାକ୍ରା, ସ୍ୱେଚ୍ଛାସେବୀ ଅନିଲ କୁମାର ରଣବିଡା ଉପସ୍ଥିତ ଥିଲେ। ଆଇଟି ଟ୍ରେନର ତଥା ପରିଚାଳିକା ଉତ୍କଳିକା ବହିଦାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସେଣ୍ଟର ଡାଇରେକ୍ଟର ସୁଶାନ୍ତ ବେହେରା, ଏକାଡେମିକ କାଉନସିଲର କରନ ସାହୁ, ଟ୍ରେନର ହସିନା ତାଣ୍ଡିଆ, ଟେକ୍ନିକାଲ ସପୋର୍ଟର ସୁଷମା ମିଞ୍ଜ ପରିଚାଳନା କରିଥିଲେ। ଆଇଟି ଟ୍ରେନର ସୁଶ୍ରୀ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଦ୍ୱାରା ପ୍ରଦତ୍ତ ଓସସିଆଇଟି ପାଠ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ବୁଲିବା ସମୟରେ ରଥ ପ୍ରଚାର କରିବ।

# ମୁଖ୍ୟ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୫।୨(ପ୍ରମୋଦ ବହିଦାର)**

ଅଧିକ ହାରରେ ସୁଧ ପ୍ରଲୋଭନ ଦେଖାଇ ହଜାରେ କୋଟି ଟଙ୍କାର ଠକେଇ ଅଭିଯୋଗର ମୁଖ୍ୟ ଅଭିଯୁକ୍ତ ଏମ୍‌ସିଏକ୍ସ-ସିଟି ନାମକ ଅର୍ଥଲଗାଣ ସଂସ୍ଥାର ପ୍ରତିଷ୍ଠାତା ସନ୍ତୋଷ ଆଚାର୍ଯ୍ୟ(୪୨)ଙ୍କୁ ଗିରଫ କରିଛି ଧନୁପାଲି ଥାନା ପୋଲିସ। କୁଲୁଥକାନୀ ମାଉଲିନଗରସ୍ଥିତ ବାସଭବନରୁ ପୋଲିସ ଗିରଫ କରିଥବା ଆଚାର୍ଯ୍ୟଙ୍କୁ ମଙ୍ଗଳବାର ମଙ୍ଗଳବାର ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ମଣ୍ଡଳ କାରାଗାର ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଏହି ଠକେଇର ମୁଖ୍ୟ ଅଭିଯୁକ୍ତ ଆଚାର୍ଯ୍ୟ ଗତ ୨୦୧୩-୧୪ ମସିହାରେ ଧନୁପାଲି ଥାନା ଅନ୍ତର୍ଗତ କୁଲୁଥକାନୀ ମାଉଲିନଗରରେ ନିଜର ରହୁଥିବା ଘରେ ଏମ୍‌ସିଏକ୍ସ-ସିଟି ନାମକ ଏକ ଅର୍ଥଲଗାଣ ସଂସ୍ଥା ଖୋଲିଥିଲେ। ଅଳ୍ପ ଦିନରେ ସୁଧ ଆକାରରେ ଅଧିକ


ମୁଖ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରୁଛି ପୋଲିସ।

ଲୋଭର ପ୍ରଲୋଭନରେ ଅର୍ଥ ନିବେଶ ପାଇଁ ଲୋକଙ୍କୁ ଆକୃଷ୍ଟ କରୁଥିଲେ। କମ୍ପାନୀର ପ୍ରସ୍ତାବ ଅନୁସାରେ ମାସିକ ୩ରୁ ୭ ପ୍ରତିଶତ ସୁଧହାରର ଲୋଭର ବଶବର୍ତ୍ତୀ ହୋଇ ପ୍ରାୟ ୬ ଶହ ଲୋକ ତାଙ୍କ ସଂସ୍ଥାରେ ମୋଟା ଅଙ୍କର ଅର୍ଥ ନିବେଶ କରିଥିଲେ। ପ୍ରଥମେ ପ୍ରଥମେ ସୁଧ ଆକାରରେ ଅର୍ଥ ଫେରସ୍ତ

### ହଜାରେ କୋଟିର ଠକେଇ ମାମଲା

ପାଇଥିଲେ। ମାତ୍ର ୨୦୨୪ ଫେବୃଆରୀ ପରଠାରୁ ନିବେଶକ ଅର୍ଥ ଫେରସ୍ତ ପାଇବାରେ ସମସ୍ୟା ସୃଷ୍ଟି ହୋଇଥିଲା। ନିବେଶକାରୀ ଏନେଇ ଗତ ଫେବୃଆରୀ ୧୬ରେ ଧନୁପାଲି ଥାନାରେ ଏତଲା ଦେଇଥିଲେ। ସେମାନଙ୍କ ଏତଲା ଆଧାରରେ ଧନୁପାଲି ଥାନାରେ ଏକ ମାମଲା(ନଂ. ୪୧/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସୋମବାର ରାତିରେ ଆଚାର୍ଯ୍ୟଙ୍କୁ ମାଉଲିନଗରସ୍ଥିତ ଘରୁ ପୋଲିସ ଗିରଫ କରିଥିଲା। ପୋଲିସ ତାଙ୍କ ଘରୁ ଏକ କମ୍ପ୍ୟୁଟର ଓ ଅନ୍ୟାନ୍ୟ ଅସବାବପତ୍ର ଜବତ କରିଛି। ମାତ୍ର ମୋଟା ଅଙ୍କର ନିବେଶ ଓ ନିବେଶକଙ୍କ ସମ୍ପର୍କିତ କି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ବା କାଗଜପତ୍ର ଜବତ କରାଯାଇଛି ସେ ସମ୍ପର୍କରେ ପୋଲିସ କୌଣସି ସୂଚନା ଦେଇ ନାହିଁ।

## ୪ ରେଳ କର୍ମଚାରୀ ପୁରସ୍କୃତ


ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି ରେଳ ମଣ୍ଡଳ ପ୍ରବନ୍ଧକ।

**ସମ୍ବଲପୁର,୨୫।୨(ପ୍ରମୋଦ ବହିଦାର)**

ରେଳ ଚଳାଚଳରେ ନିରାପତ୍ତାରେ ଦକ୍ଷତା ତଥା କର୍ତ୍ତବ୍ୟନିଷ୍ଠା ସେବା ପାଇଁ ୪ ରେଳବାଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ସେମାନେ ହେଲେ ଟିଟିଲାଗଡ଼ର ମାଲବାହୀ ଟ୍ରେନ୍ ଲୋକୋ ପାଇଲଟ୍(ଚାଳକ) ଅନୀଲ କୁମାର ବିଶ୍ୱାଳ, ଟିଟିଲାଗଡ଼ର ବରିଷ୍ଠ ସହକାରୀ ଲୋକୋ ପାଇଲଟ୍(ଚାଳକ) ରାଜୁ କୁମାର, ଜରପଡ଼ାର ସିଗନାଲ ଟେକ୍ନିସିଆନ୍-୧ କ୍ଷୀରୋଦ କୁମାର ପ୍ରଧାନ ଓ ମୁରିବାହାଲ ସିଗନାଲ ଟେକ୍ନିସିଆନ୍-୧ ବିରଜାବର ଛୁରା। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାର କାନ୍ତ ପାଣ୍ଡେ ନିରାପତ୍ତା ନିୟମ ପାଳନ ସହ ଏଥିରେ ଦକ୍ଷତା ଓ କର୍ତ୍ତବ୍ୟ ପ୍ରତି ସମର୍ପଣ ମନୋଭାବ ପାଇଁ ଉକ୍ତ ୪ କର୍ମଚାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରିବା ସହ ନଗଦ ରାଶିରେ ପୁରସ୍କୃତ କରିଛନ୍ତି। ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ସାଙ୍କେତିକ ଦୂର ସଞ୍ଚାର ଯନ୍ତ୍ରୀ ପ୍ରଭାତ କୁମାର, ବରିଷ୍ଠ ବିଦ୍ୟୁତ ଯନ୍ତ୍ରୀ ବିନାୟକ ବେହେରା, ବରିଷ୍ଠ ନିରାପତ୍ତା ଅଧିକାରୀ ସମ୍ପିତ ସୌରଭ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ହାଇଦ୍ରାବାଦ ଶ୍ରୀନିଧି ଡେକାନ୍ସ ବିଜୟୀ


ହାଇଦ୍ରାବାଦ ବନାମ କୋଲକାତା ମ୍ୟାଚର ଦୃଶ୍ୟ।

**ସମ୍ବଲପୁର,୨୫।୨(ବି.ଶଙ୍କର)**

### ସମ୍ବଲପୁର କପ ଫୁଟବଲ

ସମ୍ବଲପୁରୀ ଫୁଟବଲ ଏକାଡେମୀ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ହାଇଦ୍ରାବାଦ ବିଜୟୀ ହୋଇଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ହାଇଦ୍ରାବାଦ ଶ୍ରୀନିଧି ଡେକାର୍ନ୍ସ ଓ କୋଲକାତା ଆଡାମ୍ସ ୟୁନାଇଟେଟ ସ୍ପୋର୍ଟ ଏକାଡେମୀ ମଧ୍ୟରେ ମ୍ୟାଚ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ୪୮ତମ ମିନିଟରେ ହାଇଦ୍ରାବାଦ ଖେଳାଳି ଲାଲ ଫକ୍ରିମା ଏକ ଦର୍ଶନିୟ ଗୋଲ ସ୍କୋର କରିଥିଲେ। ଫଳରେ ଦଳ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ମ୍ୟାଚର ୭୮ତମ ମିନିଟରେ ଲାଲ ଫକ୍ରିମା ପୁଣି ଏକ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମ୍ୟାଚକୁ ନବୀନ କୁମାର ନାଏକ, ଉତ୍କଳମଣୀ ବେହେରା, ଜିତେନ୍ଦ୍ରୀୟ ଥାନାପତି ଓ ଦିଲୀପ କୁମାର ରାଉତ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଥିଲେ। ସମ୍ବଲପୁର କପ ଫୁଟବଲ ଆୟୋଜନ କମିଟି ଅଧ୍ୟକ୍ଷ ତଥା ବିଧାୟକ ଜୟ ନାରାୟଣ ମିଶ୍ର ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଫୁଟବଲ ଏକାଡେମୀର ସମ୍ପାଦକ ଅତନୁ ଘୋଷ, ଭାଜପା ନେତା ବିପିନ ଭାଟିଆ ଉପସ୍ଥିତ ଥିଲେ।

## କୁଲଡା ଖୋଲାଖୁହଁ ଖଣି ପ୍ରକଳ୍ପ ପାଇ ଜନଶୁଣାଣି

**ସମ୍ବଲପୁର,୨୫।୨(ବି.ଶଙ୍କର)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ବସୁନ୍ଧରା କ୍ଷେତ୍ର ଅନ୍ତର୍ଗତ କୁଲଡା ଖୋଲାଖୁହଁ ଖଣି ପ୍ରକଳ୍ପ(ଓସିପି) ପାଇଁ ପ୍ରସ୍ତାବିତ ଖଣି ସମ୍ପ୍ରସାରଣ ସକାଶେ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲାର ୫ଟି ସ୍ଥାନରେ ୧୮ରୁ ୨୦ଫେବୃଆରୀ ମଧ୍ୟରେ ସର୍ବସାଧାରଣ ଜନଶୁଣାଣି ସମ୍ପନ୍ନ ହୋଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଏହି ଜନଶୁଣାଣି ହୋଇଥିଲା। କୋଇଲା ଖଣି ପ୍ରକଳ୍ପର ଖଣି ପରିମିତ ଅଞ୍ଚଳ ୬୩୪.୨୦୫ ହେକ୍ଟରରୁ ୯୨୧.୩୦୫ ହେକ୍ଟରକୁ ବୃଦ୍ଧି କରାଯିବା କାର୍ଯ୍ୟକ୍ରମ ରହିଛି। ତେଣୁ ଜନଶୁଣାଣି ସିଆରମାଲ, ବଲିଙ୍ଗା, ବାଙ୍କିବାହାଲ, ସରଡେଗା ଏବଂ ତୁମୁଲିଆ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଜନଶୁଣାଣିରେ ଜନସାଧାରଣ ଉପସ୍ଥିତ ରହି ପରିବେଶ ସମ୍ବନ୍ଧୀୟ ଓ ପ୍ରଦୂଷଣ ନିୟନ୍ତ୍ରଣ ସକାଶେ ନିଜର ମତ ଉପସ୍ଥାପନ କରିଥିଲେ। ସୁନ୍ଦରଗଡ଼ ଜିଲାର ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ମାଝିଙ୍କ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଝାରସୁଗୁଡାର ଆଞ୍ଚଳିକ ଅଧିକାରୀ ହିରଣ୍ୟ କୁମାର ନାୟକ ଯୋଗଦେଇଥିଲେ। ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥି ସରବୁ, ହେମଗିର ତହସିଲଦାର ବିକାଶ ରଞ୍ଜନ ପରିଡ଼ା, ଏମ୍‌ସିଏଲ ବସନ୍ଧରା କ୍ଷେତ୍ର ମହାପ୍ରବନ୍ଧ ପି.ବି.ରେଡ୍ଡିଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ବାୟୁ ପ୍ରଦୂଷଣ କମ କରିବା ଏବଂ ଆଖପାଖ ଅଞ୍ଚଳର ବସ୍ତିରେ ପ୍ରଦୂଷଣ ନିୟନ୍ତ୍ରଣ ସକାଶେ କମ୍ପାନୀ ପାଇଁ ଏମସିଏଲ ସଙ୍କଳ୍ପବଦ୍ଧ ବୋଲି ରେଡ୍ଡି କହିଥିଲେ। ଗ୍ରାମବାସୀ ପ୍ରଦୂଷଣ ନିୟନ୍ତ୍ରଣ ସମ୍ବନ୍ଧରେ ନିଜର ମତପୋଷଣ କରିଥିଲେ।

## କଂଗ୍ରେସ ନେତାଙ୍କ ବିୟୋଗରେ ଶୋକସଭା

**ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)**

ସ୍ଥାନୀୟ ଗୋପବନ୍ଧୁ ଛକଠାରେ ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ସିଦ୍ଧେଶ୍ୱର ଗୁରୁଙ୍କ ଆବାହକତ୍ୱରେ ପୁରୁଖା କଂଗ୍ରେସ ନେତା ଇଂ. ଆଦିତ୍ୟ ପ୍ରସାଦ ମିଶ୍ରଙ୍କ ବିୟୋଗରେ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କଂଗ୍ରେସ ପୂର୍ବତନ ଉପସଭାପତି ମଞ୍ଜୁଳ କୁମାର ନାଏକ, ପୂର୍ବତନ ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, ପୂର୍ବତନ ଜିଲା କଂଗ୍ରେସ ଏସସି ସେଲ ସଭାପତି ଦୀପକ କୁମାର ବେହେରା, ଜିଲା କଂଗ୍ରେସ ଏସଟି ସେଲର ପୂର୍ବତନ ସଭାପତି କ୍ଷେତ୍ର କୁମାର ପାତ୍ର, ପୂର୍ବତନ କାଉନସିଲର ସୁଶୀଳ କୁମାର ନାୟକ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଦୀପକ କୁମାର ଦାସ, କିଶୋର କୁମାର ରାୟ, ଅଞ୍ଜନ କୁମାର ପ୍ରଧାନ, ଅଲେଖ ଚନ୍ଦ୍ର ପାତ୍ର ଓ ଆଇନଜୀବୀ ପ୍ରତାପ କୁମାର ପାତ୍ରଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁରୂପ ଭାବେ ସନ୍ଧ୍ୟାରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ଆବାହକତ୍ୱରେ ମଧ୍ୟ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ରେବତୀ ମୋହନ ପଟ୍ଟନାୟକ, ରମେଶ ପାତ୍ର, ଅଲେଖ ନାୟକ, ସୁମନ୍ତ ବେହେରା, ଦେବେନ୍ଦ୍ର ଗଡନାୟକ, ନାଥକୃଷ୍ଣ ଜାଲ, ଚନ୍ଦନ କୁମାର ପାତ୍ର, ରାଜେଶ ବାର୍ଲା ଓ ଶ୍ରୀତମ କୁମାର ସାହୁ ପ୍ରମୁଖ ସ୍ୱର୍ଗତଃ ମିଶ୍ରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳିଅର୍ପଣ କରିଥିଲେ। ସୂଚନା ଯୋଗ୍ୟ ଯେ, ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମିଶ୍ରଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଥିଲା।

## ୨୭ରେ ବହୁଭାଷୀ କବି ସମ୍ମିଳନୀ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

**ସମ୍ବଲପୁର,୨୫।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅମୀର ଖୁସ୍ରୁ ଫାଉଣ୍ଡେଶନ ପକ୍ଷରୁ ଆସନ୍ତା ୨୭ ତାରିଖରୁ ବହୁଭାଷୀ କବି ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ସ୍ଥାନୀୟ ସାମ୍ବାଦିକ ଭବନ ପ୍ରଶାନ୍ତ ମହାନ୍ତି ପ୍ରେକ୍ଷାଳୟରେ ମଙ୍ଗଳବାର ମଧ୍ୟାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଫାଉଣ୍ଡେଶନ ସମ୍ପାଦକ ପରଭେଜ୍ ଅଲ୍ଲୀଖାନ। ସେ କହିଛନ୍ତି, ଭାଷା ଓ ସାହିତ୍ୟର ବିକାଶ ତଥା ପ୍ରଚାର ପ୍ରସାର ଲକ୍ଷ୍ୟରେ ଏଭଳି ଏକ ବହୁଭାଷୀ କବି ସମ୍ମୀଳନୀ ଆୟୋଜିତ ହେବାକୁ ଯାଉଛି। ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଉକ୍ତଦିନ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ବଲପୁରୀ, ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଅନୁଷ୍ଠିତ ହେବାକୁ ଥିବା ବହୁଭାଷୀ କବି ସମ୍ମିଳନୀରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ୧୪ଜଣ ବିଶିଷ୍ଟ କବି ତଥା ସମ୍ବଲପୁରର ୨ଜଣଙ୍କୁ ମିଶାଇ ମୋଟ ୧୬ଜଣ କବି ସ୍ୱରଚିତ କବିତା ପାଠ କରିବେ। କବି ସମ୍ମିଳନୀରେ ମୁମ୍ବାଇର ହୁକୁମ ଚାନ୍ଦ କୋଠାରୀ ଅଧ୍ୟକ୍ଷତା କରିବେ। ଏହି କାର୍ଯ୍ୟକ୍ରମରେ ୩ଜଣ ବିଶିଷ୍ଟ କବିଙ୍କୁ ସମ୍ମାନିତ କରାଯିବ। ଖବରଦାତା ସମ୍ମିଳନୀରେ ଫାଉଣ୍ଡେଶନ ସଭାପତି ନାସିର ଫରାଜ୍, କୋଷାଧ୍ୟକ୍ଷ ସେକ ଆରିଫ ଅଲ୍ଲୀ, ସଭ୍ୟ ଭଗତ ସିଂ, ତ୍ରିଲୋଚନ ତ୍ରିପାଠୀ, ଆନନ୍ଦ ମିଶ୍ର ଓ ସଂଯୋଜକ ସତ୍ୟଜିତ ମହାପାତ୍ର ମଞ୍ଚାସୀନ ଥିଲେ।

## ବିଶ୍ୱ ମାତୃଭାଷା ଦିବସରେ ଛାତ୍ରୀଛାତ୍ର ପୁରସ୍କୃତ

**ସମ୍ବଲପୁର,୨୫।୨(ବି.ଶଙ୍କର)**

ବିଶ୍ୱ ମାତୃଭାଷା ଦିବସ ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଆ ଭାଷାକୁ ଆଗକୁ ନେଇଥିବା ଅନେକ ଲେଖକ ଓ କବିମାନଙ୍କର କାଳଜୟୀ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ


ମାତୃଭାଷା ଦିବସରେ ପୁରସ୍କୃତ ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ।

ସ୍ୱଲିଖିତ କ୍ଷୁଦ୍ର ପତ୍ରିକାର ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ତନୟ କୁମାର ପ୍ରଧାନ ମାତୃଭାଷା ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମାତୃଭାଷା ପ୍ରତି ସମସ୍ତଙ୍କ ମମତା ଓ ଆଗ୍ରହ ରହିବା ଜରୁରୀ। ଫଳରେ ମାତୃଭାଷାର ବିକାଶ ଓ ପ୍ରଚାର ହୋଇପାରିବ ବୋଲି ସଭାରେ ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ଗୀତ ଏବଂ କବିତା ଆବୃତ୍ତିରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ପାଙ୍କଜିନୀ ନାୟକ ସଭା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଅନୁବିନ୍ଦା ଦାସ, ଅର୍ଣ୍ଣପୂର୍ଣ୍ଣା ପୂଜାରୀ, ଗାୟତ୍ରୀ ଭୋଇ, ସୁଷମା ଖଡିଆ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୬୦କେଜି ଗଞ୍ଜେଇ ଜବତ, ୨ଗିରଫ

**ସମ୍ବଲପୁର,୨୫।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଅବକାରୀ ବିଭାଗ ଭ୍ରାମ୍ୟମାଣ ୟୁନିଟ୍ ଚୋର ଚାଲାଣ ବେଳେ ୬୦ କେଜି ଗଞ୍ଜେଇ ଜବତ କରିଛି। ଚାଲାଣରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ ଜବଲପୁର ଜିଲା ଧମନୀ ଗ୍ରାମର ଅମିତ ଠାକୁର(୨୫) ଓ ତାଙ୍କ ସହଯୋଗୀ ଛତିଶଗଡ଼ ବିଳାସପୁର ଜିଲା ଟିକରାପଡ଼ା ଗ୍ରାମର ଛୋଟୁ ଖଟିକ୍(୨୬)। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସକାଳେ ସମ୍ବଲପୁର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ଜିଲା ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଉକ୍ତ ସୂଚନା ଅନୁସାରେ ଅବକାରୀ ବିଭାଗ ଭ୍ରାମ୍ୟମାଣ ୟୁନିଟ୍ ଅଇଠାପାଲି ଥାନା ସିଂପାଲି ଲମ୍ବଡୁଙ୍ଗୁରି ନିକଟରେ ଛକି ରହିଥିଲା। ଏହି ସମୟରେ ସେହିବାଟ ଦେଇ ବାହାର ନମ୍ବର ଥିବା ଏକ କାର ଯାଉଥିବା ଦେଖି ଭ୍ରାମ୍ୟମାଣ ୟୁନିଟ


ଜବତ ଚୋରା ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

କର୍ମଚାରୀ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ି ମଧ୍ୟରୁ ୩ଟି ଜରି ବସ୍ତାରେ ଥିବା ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭର ଏ ସମ୍ପର୍କିତ ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ପଚରାଉଚରା ବେଳେ ସେମାନେ ଉକ୍ତ ଗଞ୍ଜେଇକୁ ବଲାଙ୍ଗୀରରୁ ମଧ୍ୟପ୍ରଦେଶ ଚାଲାଣ କରୁଥିଲେ ବୋଲି କହିଥିଲେ। ଏକ ମାମଲା( ୫୨୨/୨୫)ରୁଜୁ କରି ଉଭୟଙ୍କୁ ସ୍ୱତନ୍ତ୍ର ସେସନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ

### ମୁଖ୍ୟ ଆକର୍ଷଣ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା

**ସମ୍ବଲପୁର,୨୫।୨(ବି.ଶଙ୍କର)**

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ବଲପୁର ଉପକେନ୍ଦ୍ର ପକ୍ଷରୁ ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତି ମଙ୍ଗଳବାର ସନ୍ଧ୍ୟାରେ ଗଙ୍ଗାଧର ମୁକ୍ତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ମୁଖ୍ୟ ଆକର୍ଷଣ ରହିଛି। ସମ୍ବଲପୁର ଉପକେନ୍ଦ୍ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମା କୁମାରୀ ପାର୍ବତୀ ଶିବ ଜୟନ୍ତି ବିଷୟରେ ଆଲୋକପାତ କରିଥିଲେ। ବୁର୍ଲାର ରାଜଯୋଗ ଶିକ୍ଷୟିତ୍ରୀ ବ୍ରହ୍ମାକୁମାରୀ ଜ୍ୟୋତି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆତ୍ମା, ପରମାତ୍ମା,



ଅତିଥିମାନଙ୍କଠାରୁ କଳାକାରମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

କର୍ମଫଳର ଗୁହ୍ୟ ଗତି ଉପରେ ଶିକ୍ଷା ଦିଆଯାଏ। ସେହିପରି ରାଜଯୋଗର ମଧ୍ୟ ଶିକ୍ଷା ପ୍ରସାନ କରାଯାଇଥାଏ। ସ୍ୱୟଂ ପରମାତ୍ମା ହିଁ ନିଜେ ଶିକ୍ଷକ ଅଟନ୍ତି। ନାରୀ ଶକ୍ତିକୁ ଏଠାରେ ମୁଖ୍ୟ ସ୍ଥାନ ଦିଆଯାଇଛି। ଜ୍ଞାନ କଳସ ଭଉଣୀମାନଙ୍କୁ ଦେଇଛନ୍ତି। ତେଣୁ ଏଠାରେ ନିଃଶୁଳ୍କରେ ଶିକ୍ଷା ଦିଆଯାଏ। ବର୍ତ୍ତମାନ ବିଶ୍ୱର ପ୍ରାୟ ୧୪୦ ଟି ଦେଶରେ ଏହି ଅନୁଷ୍ଠାନ ରହିଛି ବୋଲି ବ୍ରହ୍ମକୁମାରୀ ଜ୍ୟୋତି ସୂଚିତ କରିଥିଲେ। ବିକେ ଜ୍ୟୋତି ଭଉଣୀ ରାଜଯୋଗ ଅଭ୍ୟାସ କରାଇଲେ। ବ୍ରହ୍ମାକୁମାରୀ ଜ୍ୟୋତି ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମକୁମାରୀ ଦୀପା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

